# ତ୍ରୁଟିପୂର୍ଣ୍ଣ ପରିଚୟପତ୍ର: ଚିନ୍ତାରେ ଭୋଟର

- ୧୯୭୮ଙ୍କୁ ମିଳିଥିବା କାର୍ଡରେ ଠିକଣା, ବୟସଗତ ତ୍ରୁଟି
- ସଫ୍ଟୱେରକୁ ଦୋଷଦେଇ ଦାୟିତ୍ୱ ଖସାଉଛନ୍ତି ଅଧିକାରୀ

ସିମୁଳିଆ,୧୬।୪(ଡି.ଏନ୍.ଏ.)

ଭୋଟର ତାଲିକା ସଂଶୋଧନ ଓ ନୂଆ ଭୋଟରଙ୍କ ନାମ ସଂଯୋଗ କାର୍ଯ୍ୟ ଠିକ୍ ଭାବେ କରା ନ ଯିବାରୁ ତଥ୍ୟଗତ ତ୍ରୁଟି ଥାଇ ବହୁ ଭୋଟରଙ୍କୁ ନୂଆ ପରିଚୟପତ୍ର ବଣ୍ଟାଯାଇଛି। ଅଭିଯୋଗକଲେ ସଫ୍ଟୱେର ଅପ୍‌ଡେଟ୍ ନ ହେବା କାରଣରୁ ଏଭଳି ତ୍ରୁଟି ହୋଇଥିବା କୁହାଯାଉଛି। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ୫ଟି ପଞ୍ଚାୟତର ୧୯୭୮ଜଣ ମତଦାତାଙ୍କୁ ତ୍ରୁଟିପୂର୍ଣ୍ଣ ଭୋଟ ପରିଚୟପତ୍ର ଦିଆଯାଇଥିବାରୁ ସେମାନେ ଏଥର କିଭଳି ଭୋଟ ଦେବେ ଚିନ୍ତାରେ ପଡିଛନ୍ତି। ତ୍ରୁଟିପୂର୍ଣ୍ଣ ପରିଚୟପତ୍ର କୌଣସି କାମରେ ଆସିବ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି।

ନିର୍ବାଚନ ଘୋଷଣା ଅବ୍ୟବହିତ ପୂର୍ବରୁ ଭୋଟର ପରିଚୟପତ୍ରରେ ତ୍ରୁଟି ସଂଶୋଧନ ସହିତ ସାବାଳକ ଯୁବତୀଯୁବକଙ୍କୁ ଭୋଟର ତାଲିକାରେ ସାମିଲ କରିବା ସକାଶେ ସରକାରଙ୍କ ପକ୍ଷରୁ ବିଭିନ୍ନ ତାରିଖ ଘୋଷଣା କରାଯାଇଥିଲା। ଗଣମାଧ୍ୟମରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସିମୁଳିଆ ଅଞ୍ଚଳର ଶିକ୍ଷୟିତ୍ରୀଶିକ୍ଷକମାନେ ଏହି କାର୍ଯ୍ୟରେ ୨୦୧୮ ଅକ୍ଟୋବରରୁ ୨୦୧୯ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ନିୟୋଜିତ ଥିଲେ। ସଂଶୋଧନ ଓ ନୂଆ ଭୋଟରଙ୍କ ନାମ ସଂଯୋଗ ପାଇଁ ଲୋକେ ବିଭିନ୍ନ ଫର୍ମପୂରଣ କରିଦେଇଥିଲେ। ସିମୁଳିଆ ବ୍ଲକରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ୧୦୯ ବ୍ଲକ ଲେଭଲ ଅଫିସର ଓ ୧୧ ସୁପରଭାଇଜର ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ମାର୍କୋଣା ପଞ୍ଚାୟତର ୪୨୦ଜଣଙ୍କ ଭୋଟର ପରିଚୟପତ୍ରରେ ତଥ୍ୟଗତ ତ୍ରୁଟି ରହିଥିବା ପ୍ରଥମେ ନଜରକୁ ଆସିଥିଲା। ଠିକଣାରେ ମାର୍କୋଣା ପରିବର୍ତ୍ତେ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଉଲ୍ଲେଖ ରହିଥିଲା। ବରୀ ପଞ୍ଚାୟତର ୩୦୯ଜଣଙ୍କୁ ଶ୍ୟାମସୁନ୍ଦରପୁର ପଞ୍ଚାୟତ ବାସିନ୍ଦା ଭାବେ ପରିଚୟପତ୍ର ମିଳିଛି। ଅନୁରୂପ ମଇତାପୁରର ୫୦୨ଜଣଙ୍କୁ ବଙ୍ଗାଳପୁର, ବଙ୍ଗାଳପୁରର ୯୫ଜଣଙ୍କୁ ମୁରୁଣା ଓ ସବଙ୍ଗର ୬୫୨ଜଣଙ୍କୁ ଆନନ୍ଦପୁର ପଞ୍ଚାୟତବାସୀ ରୂପେ କାର୍ଡ ପ୍ରଦାନ



ସୁକୁରୀ ସିଂ ତ୍ରୁଟିପୂର୍ଣ୍ଣ ଭୋଟର ପରିଚୟପତ୍ର ଦେଖାଉଛନ୍ତି।

କରାଯାଇଛି। ମାର୍କୋଣା ପଞ୍ଚାୟତର ବୁଥ୍ ନଂ.୨୧୯ ଓ ୨୨୦ରେ ଅଧୀନ ମାର୍କୋଣା ଅଞ୍ଚଳର ୨୩ଜଣ ବ୍ୟକ୍ତି ଫର୍ମ ନଂ. ୮(ଏ)ରେ ପରିଚୟପତ୍ରରେ ସ୍ଥାନ ପରିବର୍ତ୍ତନ ଲାଗି ଆବେଦନ କରିଥିଲେ ମଧ୍ୟ ସେଥିରେ ଅନୁରୂପ ତ୍ରୁଟି ପରିଲକ୍ଷିତ ହୋଇଛି। ଏପରି କି ମା'ବାପାଙ୍କଠାରୁ ଝିଅପୁଅଙ୍କ ବୟସ ଅଧିକ ଥିବା ସୂଚନା ମିଳିଛି। ମାର୍କୋଣା ନୂଆପଲ୍ଲୀ ଅଞ୍ଚଳର ୬୪ବର୍ଷୀୟ ଆଦିବାସୀ ମହିଳା ସୁକୁରୀ ସିଂ କହିଛନ୍ତି, ପୂର୍ବରୁ ଭୋଟ ପରିଚୟପତ୍ରରେ ତାଙ୍କ ପୁଅ ବୋହୂଙ୍କ ବୟସ ତାଙ୍କଠାରୁ ଅଧିକ ରହିଥିଲା। ସେ ୩ ଥର ଆବେଦନ କରିଥିଲେ ମଧ୍ୟ ତାଙ୍କୁ ସଂଶୋଧିତ କାର୍ଡ ମିଳିପାରି ନାହିଁ। ସେହିପରି ତାଙ୍କ ପଞ୍ଚାୟତ ମାର୍କୋଣା ଓ ଗାଁ ନୂଆପଲ୍ଲୀ ପରିବର୍ତ୍ତେ ବାଙ୍ଗରଖଡିଗଡିଆ ପଞ୍ଚାୟତର ରିଆ ଗାଁ ଲେଖାରହିଛି। ରିଆ ଅଞ୍ଚଳର ଶ୍ରୀକାନ୍ତ ବେହେରାଙ୍କ ବୟସ ୬୭ ଉଲ୍ଲେଖ ଥିବା ବେଳେ ତାଙ୍କ ଶାଶୁ ଗୁରଙ୍କ ବୟସ ୬୩ କାର୍ଡରେ ଲେଖାଯାଇଛି। ଭାରତୀୟ ସେନାରେ କାର୍ଯ୍ୟ କରୁଥିବା ମାର୍କୋଣା ଅଞ୍ଚଳର ପ୍ରେମାନନ୍ଦ ପାଢ଼ୀ ଓ ତାଙ୍କ ସ୍ତ୍ରୀ ସୁକାନ୍ତିଲତା ପାଢ଼ୀଙ୍କ ଗ୍ରାମ ରିଆ ପରିବର୍ତ୍ତେ ମାର୍କୋଣା ସଂଶୋଧନ କରାଯିବା ଲାଗି ସେମାନେ ଆବେଦନ କରିଥିଲେ ମଧ୍ୟ ନୂଆ କାର୍ଡରେ ଗ୍ରାମ ରିଆ ଓ ପଞ୍ଚାୟତ ବାଙ୍ଗରଖଡିଗଡିଆ ବୋଲି ଲେଖା ରହିଥିବା ଅଭିଯୋଗ ହୋଇଛି। ଏଭଳି ତ୍ରୁଟିପୂର୍ଣ୍ଣ କାର୍ଡ ପାଇଥିବା ଲୋକେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା, ବିଦ୍ୟୁତ୍ ସଂଯୋଗ ନେବା ଆଦି କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥର ସେମାନେ କିଭଳି ଭୋଟ ଦେବେ ସେନେଇ ଚିନ୍ତାରେ ପଡିଛନ୍ତି। ତ୍ରୁଟିପୂର୍ଣ୍ଣ କାର୍ଡ କୌଣସି କାମରେ ଆସିବ ନାହିଁ ବୋଲି ଅଧିକାରୀମାନେ କହୁଥିଲେ ମଧ୍ୟ ଏହାର ସଂଶୋଧନ ଲାଗି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଡିଓ ଡ. ନରହରି ବେହେରାଙ୍କୁ ପଚାରିବାରୁ ତ୍ରୁଟିପୂର୍ଣ୍ଣ କାର୍ଡ ସମ୍ପର୍କରେ ସେ ପିଡିଙ୍କୁ ଜଣାଇଥିବା କହିଛନ୍ତି। ନୂତନ ପଞ୍ଚାୟତ ପୁନର୍ଗଠିତ ହେବା ଯୋଗୁ ଏଭଳି ଅସୁବିଧା ଉପୁଜିଥିବା ସେ ସଫେଇ ଦେଇଛନ୍ତି।

## ସଂକ୍ଷେପରେ

### ମୁମ୍ବାଇରୁ ସୁନା ଗହଣା, ଟଙ୍କା ଲୁଟ୍: ଯୁବକ ଅଟକ

**ସୋର, ୧୬।୪(ଡି.ଏନ.ଏ.):** ମୁମ୍ବାଇରୁ ସୁନା ଗହଣା ଲୁଟ୍ ଅଭିଯୋଗରେ ମୁମ୍ବାଇ ପୋଲିସ ଓ ସୋର ପୋଲିସ ମିଳିତ ଭାବେ ଚଢ଼ାଉ କରି ଜଣେ ଯୁବକଙ୍କୁ ଅଟକ ରଖିଛନ୍ତି। ତାଙ୍କ ଘର ଖଇରା ବ୍ଲକ ଗଣ୍ଡୁଆ ଗ୍ରାମରେ। ଉକ୍ତ ଯୁବକ ମୁମ୍ବାଇର ଜଣେ ବ୍ୟକ୍ତିଙ୍କ ଘରେ ରହି ରକ୍ଷଣାବେକ୍ଷଣ କାମ କରୁଥିଲେ। ସେଠାରୁ ଚତୁରତାର ସହିତ ଏକ କେଜିରୁ ଊର୍ଦ୍ଧ୍ୱ ସୁନା, ରୁପା ଗହଣା ଓ ୬୦ହଜାର ଟଙ୍କା ଚୋରି କରି କିଛିଦିନ ତଳେ ଫେରାର ହୋଇଯାଇଥିଲେ। ଅଧିକ ତଥ୍ୟ ପାଇଁ ଅଟକ ଯୁବକଙ୍କୁ ରଖି ପଚରାଉଚରା କରାଯାଉଛି।

### ମଦ ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଫେରାର



**ବାଲେଶ୍ୱର ଅଫିସ, ୧୬।୪:** ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଭୋର ସମୟରେ ସଲ୍ଟରୋଡ୍‌ରୁ ଶାସଙ୍ଗ ସ୍କୁଲ ରାସ୍ତାରେ ଚଢ଼ାଉ କରାଯାଇ ଏକ ମଦ ବୋଝେଇ ଟାଟା ସଫାରି ଗାଡ଼ି (ବିଆର୍‌୧୬ଏମ୍-୫୭୦୧) ସହିତ ୧୨ଶହ ଲିଟର ମଦ ଜବତ କରାଯାଇଛି। ହେଲେ ଡ୍ରାଇଭର ଅବକାରୀ କର୍ମଚାରୀଙ୍କୁ ଚକ୍‌ମା ଦେଖାଇ ଫେରାର ହୋଇଯାଇଛନ୍ତି। ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶ ଓ ସଦର ମୋବାଇଲ ସ୍କ୍ୱାଡ୍ ନିରୀକ୍ଷକ ଉଦେଲାଲ ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଏହି ଗାଡ଼ିକୁ ଅଟକାଯିବା ବେଳେ ଡ୍ରାଇଭର ଗାଡ଼ି ଛାଡ଼ି ଗାଁ ମଧକୁ ଦୌଡ଼ି ପଳାଇଯାଇଥିଲେ। ଗାଡ଼ିରେ ଥିବା ପଲିଥିନ୍ ଓ ଟ୍ୟୁବ୍‌ରେ ୧୨ଶହ ଲିଟର ଦେଶୀ ରନ୍ଧାମଦ ବିଭାଗ ପକ୍ଷରୁ ଜବତ କରାଯାଇଛି। ଏ ବାବଦରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ଥାନାରେ ମାମଲା (ନଂ. ୧୫/୧୯-୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଚଢ଼ାଉରେ ସହ ଉପନିରୀକ୍ଷକ ଚନ୍ଦ୍ର ମୋହନ ସେଠୀ, କନଷ୍ଟେବଲ ସେଖ କଲିମ, ପ୍ରହ୍ଲାଦ ବିଶ୍ୱାଳ, ଅଞ୍ଜନ କୁମାର ଜେନା ଓ ସନ୍ତୋଷ କୁମାର ଜେନା ସାମିଲ ଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

**ବସ୍ତା,୧୬।୪(ସ୍ୱ.ପ୍ର.):** ବସ୍ତା ଥାନା ପେଗରପଡ଼ା ଏବଂ ରଣାମୁଣ୍ଡଳୀ ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ୭ ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବସ୍ତା ଅବକାରୀ ବିଭାଗ ସଦଳବଳେ ବସ୍ତା ଥାନା ପେଗରପଡା ଗ୍ରାମର ଅର୍ଜୁନ ପାତ୍ରଙ୍କଠାରୁ ୨.୫୨୦ ଲିଟର ଏବଂ ରଣାମୁଣ୍ଡଳୀ ଗ୍ରାମର ମମତା ସିଂଙ୍କ ଠାରୁ ୫ ଲିଟର ମଦ ଜବତ କରିବା ସହ ଉଭୟଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

### ରେଳଧାରଣାରୁ ଅଚିହ୍ନା ମୃତଦେହ ଉଦ୍ଧାର

**ବସ୍ତା, ୧୬।୪(ସ୍ୱ.ପ୍ର):** ବସ୍ତା ବ୍ଲକ ରାଜଘାଟ ଷ୍ଟେସନ ନିକଟ ଡାଉନ୍ ରେଳ ଲାଇନ୍ ନିକଟରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ଲେଖା ପର୍ଯ୍ୟନ୍ତ ଲୋକଟିର ପରିଚୟ ମିଳିନାହିଁ। ତାଙ୍କ ବୟସ ୫୬ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

### ଗାଡ଼ି ଚଢ଼ିଯାଇ ଜଣେ ମୃତ

**ସିମୁଳିଆ, ୧୬।୪(ଡି.ଏନ.ଏ.):** ସିମୁଳିଆ ଥାନା ଅବର୍ତ୍ତୁଣା ପଞ୍ଚାୟତ ରାମକୃଷ୍ଣପୁର ଅଞ୍ଚଳରେ ସୋମବାର ରାତିରେ ପିକଅପ୍ ଚଢ଼ିଯାଇ ପ୍ରମୋଦ କୁମାର ବଳ (୩୦)ଙ୍କର ମୃତ୍ୟୁ ହୋଇଛି। ରାମକୃଷ୍ଣପୁର ଅଞ୍ଚଳରେ ପ୍ରବଚନ ସଭା ଚାଲି ଥିବାବେଳେ ପ୍ରମୋଦ ରାସ୍ତାରେ ଗାମୁଛା ବିଛାଇ ଶୋଇଥିଲେ। ଉକ୍ତ ସମୟରେ ଲାଇଟ୍ ଅଫ୍ କରି ଯାଉଥିବା ଏକ ପିକଅପ୍ ପ୍ରମୋଦଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଉକ୍ତ ପିକଅପ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

## ବାଲି ବୋଝେଇ ଡମ୍ପର ଓଲଟି ମାଲିକ ମୃତ

**ସଜନାଗଡ଼,୧୬।୪(ଡି.ଏନ.ଏ.):** ନୀଳଗିରି ଏନ୍‌ଏସି ଅନ୍ତର୍ଗତ ବାଲିଗୋହିରି-କାହାଲିଆ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ବାଲି ବୋଝେଇ ଡମ୍ପର (ନଂ. ଓଆର୍‌୦୧ଏମ୍ ୦୮୦୯) ଓଲଟି ପଡ଼ିବା ଫଳରେ ଗାଡ଼ି ତଳେ ଚାପି ହୋଇ ଗାଡ଼ି ମାଲିକଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ମୃତକ ହେଲେ ରତ୍ନାକର ନାୟକ। ତାଙ୍କ ଘର ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ବିଶାଳସାହି ଗ୍ରାମରେ। ଅପରାହ୍ନ ସମୟରେ ରାସ୍ତାକାମ ପାଇଁ ବାଲି ଗାଡ଼ିରେ ବସି ରତ୍ନାକର ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ିଟି ଡାହାଣ ପଟକୁ ପ୍ରାୟ ୬ଫୁଟ୍ ତଳ ବିଲ ମଝିକୁ ଖସି ପଡ଼ିଥିଲା। ଡ୍ରାଇଭର ଗାଡ଼ିରୁ ବାହାରି ଯାଇଥିବା ବେଳେ ବାମପଟରେ ବସିଥିବା ରତ୍ନାକରଙ୍କ ଉପରକୁ ଟ୍ରକ୍‌ଟି ଓଲଟି ପଡ଼ିଥିଲା। ଟ୍ରକ୍ ତଳେ ଚାପି ହୋଇ ଚିତ୍କାର କରୁଥିବା ବେଳେ ସ୍ଥାନୀୟ ଲୋକ ଏକ ଜେସିବି ସାହାଯ୍ୟରେ ରତ୍ନାକରଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଗ୍ନିଶମ ଗାଡ଼ିରେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ରତ୍ନାକରଙ୍କ ମୃତ୍ୟୁ ହୋଇଛି।

## ହିନ୍ଦ୍ ମଜଦୁର ସଭା ପକ୍ଷରୁ ଶ୍ରମିକ ସମାବେଶ

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱରସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ମଙ୍ଗଳବାର ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଶ୍ରମିକନେତା ଅରୁଣ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା ଏବଂ ଟାଟା ଭଳି କମ୍ପାନୀ ବନ୍ଦରକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇପାରିଥିବାରୁ ବାଲେଶ୍ୱରବାସୀଙ୍କ ତରଫରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ପ୍ରକାଶ କରିଥିଲେ। ସଦର ବିଧାୟକ ଜୀବନ




ଶ୍ରମିକ ସମାବେଶରେ ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପ୍ରଦୀପ ଦାସ, ପୂର୍ବତନ ବିଧାୟକ ଅରୁଣ ଦେ, ପୂର୍ବତନ ନଗରପାଳ ଆଲୋକ ସାହୁ, ଟାଉନ ସଭାପତି ସ୍ୱରୂପ ଦାସ, ନିର୍ମାଣ ଶ୍ରମିକ ନେତା ପୀତାମ୍ବର ମାଝି ଓ ଅନ୍ୟାନ୍ୟ କାରଖାନାର ଶ୍ରମିକ ନେତା ଶମ୍ଭୁନାଥ ଦାସ, ଶେଖ୍ ମଇଉଦ୍ଦିନ, ନୟନ କୁମାର ପାତ୍ର, ଅବନ୍ତୀ ସାହୁ, ସରଥ ସାହୁ, ନରହରି ମହାଳିକ, ନିର୍ମାଣ ଶ୍ରମିକ କୃଷକ ସାଥୀ ଓ ବିଭିନ୍ନ ଶିଳ୍ପାନୁଷ୍ଠାନରୁ ଆସିଥିବା ହଜାର ହଜାର ଶ୍ରମିକ ଯୋଗଦେଇ 'ନବୀନ ଆମ ପରିବାର, ଶଙ୍ଖ ଆମର ଚିହ୍ନ' ସହ ଚଳିତ ନିର୍ବାଚନରେ ବିଜେଡିକୁ ବହୁ ସଂଖ୍ୟାରେ ବିଜୟ କରିବା ପାଇଁ ଶପଥ ନେଇଥିଲେ।

## ହନୁମାନ ମନ୍ଦିର ବାର୍ଷିକ ଉତ୍ସବ

ବାଲିଆପାଳ, ୧୬।୪(ଡି.ଏନ୍.ଏ.)

ରାମନବମୀରେ ବାଲିଆପାଳ ହନୁମାନ ମନ୍ଦିର ୭ମ ବାର୍ଷିକ ଉତ୍ସବ ଓ ଦୁଇଦିନବ୍ୟାପୀ ଚାଲିଥିବା ଯଜ୍ଞ ସୋମବାର ଶେଷ ହୋଇଯାଇଛି। ରାମନବମୀରେ ବାଲିଆପାଳ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ଓ ଯଜ୍ଞ ଆରମ୍ଭ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ ସୁବର୍ଣ୍ଣରେଖା ନଦୀର ପାରୁଲିଆ ଘାଟରୁ ୧୦୮ ମହିଳା କଳସ ଶୋଭାଯାତ୍ରାରେ ଆସି ମନ୍ଦିର ପରିସରରେ ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ଏହି ଅବସରରେ ହନୁମାନ ଚାଳିଶା, ଚଣ୍ଡିପୂଜା, ହନୁମାନ ଯଜ୍ଞ, ଶ୍ରୀରାମ ଯଜ୍ଞ ଓ ବିଷ୍ଣୁଯଜ୍ଞ କରାଯାଇଥିଲା। ପ୍ରତ୍ୟହ ଯଜ୍ଞ ଦେଖିବା ଲାଗି ଯଜ୍ଞବେଦୀରେ ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ଣ୍ଣାହୁତି ପରେ ଭକ୍ତମାନଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ସାହୁ, ସମ୍ପାଦକ ଅଜୟ କୁମାର ଦାସ, ଦୈତାରି ଗିରି, ପଦ୍ମଲୋଚନ ବାରିକ, ବିଜୟ ସାହ, ଗଣେଶ୍ୱର ବେହେରା ତଥା ମନ୍ଦିର କମିଟି ସମସ୍ତ ସଦସ୍ୟଙ୍କ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ପୂଜକ ବାବୁରାମ ପଣ୍ଡା ତଥା ୧୦ଜନ ପଣ୍ଡିତଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମାପନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଝାଡ଼େଶ୍ୱର ପ୍ରଧାନ, ଅଜୟ କୁମାର ସାହୁ, ଦୀପୁ ଜେନା, ବରେନ୍ଦ୍ର ଘଡ଼ାଇ, କମଳକାନ୍ତ ରାଉଳଙ୍କ ସହଯୋଗରେ ଯଜ୍ଞ ଶେଷ ହୋଇଥିଲା।



ଅନୀଲଙ୍କ ଶେଷଦର୍ଶନ ନିମନ୍ତେ ବାସଭବନ ସମ୍ମୁଖରେ ନେତାଙ୍କ ଭିଡ଼।

## ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

ସଜନାଗଡ଼/ଔପଦା, ୧୬।୪(ଡି.ଏନ.ଏ.)

ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ କେନ୍ଦୁଖୁଣ୍ଟା ଅଞ୍ଚଳର ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଜିଲାପରିଷଦ ସଦସ୍ୟ ଅନୀଲ ମହାପାତ୍ର(୫୮)ଙ୍କ ସୋମବାର ମଧ୍ୟରାତ୍ରରେ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଛି। ରାତି ୧୦ଟା ବେଳେ ନିର୍ବାଚନ ପ୍ରଚାର ଶେଷ କରି ସେ ବାଲେଶ୍ୱର ବ୍ଲକକଲୋନୀସ୍ଥିତ ବାସଭବନରେ ପହଞ୍ଚିଥିଲେ। ରାତ୍ରିଭୋଜନ ଶେଷ ପରେ ସେ ଶୋଇବାକୁ ଯାଉଥିବା ବେଳେ ଛାତିରେ ହଠାତ୍ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ବାଲେଶ୍ୱର, ନୀଳଗିରି ତଥା ଔପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସେ ପୂର୍ବରୁ ବିଜେଡି ରାଜ୍ୟ ସମ୍ପାଦକ ଥିବା ବେଳେ ଔପଦା ବ୍ଲକରେ ଜିଲାପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ। ଗତ ୨୦୧୪ ମସିହାରେ ଜନମୋର୍ଚ୍ଚା ଦଳର ନୀଳଗିରି ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିଛି ଦିନ ଆଗରୁ ସେ ବିଜେଡିରେ ପୁଣି ସାମିଲ ହୋଇଥିଲେ। ସୋମବାର ନୀଳଗିରିର ବିଭିନ୍ନ ଅଞ୍ଚଳରେ ପ୍ରଚାର ସାରି ବାଲେଶ୍ୱରସ୍ଥିତ ବାସଭବନକୁ ଯିବା ପରେ ଏହି ଅଘଟଣ ଘଟିଥିଲା। ତାଙ୍କର ଅନ୍ତିମ ଦର୍ଶନ ପାଇଁ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବିଜେଡିର ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବରିଷ୍ଠ ବିଜେଡି ନେତା ଗତିକୃଷ୍ଣ ନନ୍ଦ, ବ୍ରିଟ୍ ଅଧକ୍ଷ ଗୌରୀ ରାଉତ, କିଶୋର ଷଡ଼ଙ୍ଗୀ ତଥା ଦଳର ବହୁ କର୍ମୀ, ନେତୃବୃନ୍ଦ, ଅନ୍ୟ ଦଳର କର୍ମୀ ଏବଂ ନେତୃମଣ୍ଡଳୀ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଆକସ୍ମିକ ମୃତ୍ୟୁରେ ବିଜେଡି ଔପଦା ବ୍ଲକ ସଭାପତି ରମାକାନ୍ତ ମହାପାତ୍ର, ପୂର୍ବତନ ଔପଦା ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ପ୍ରତାପ ଚନ୍ଦ୍ର, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲିକ, ସମିତିସଭ୍ୟ ଅଶୋକ ପ୍ରଧାନ ପ୍ରମୁଖ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଉଡ଼ାପର୍ବ ଲାଗି ବାସୁଳୀପୀଠ ଉତ୍ସବମୁଖର

ଔପଦା, ୧୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ନିକଟସ୍ଥ ନରମା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବାସୁଳୀଙ୍କ ପୀଠ ଉଡ଼ାପର୍ବ ପାଇଁ ଉତ୍ସବମୁଖର ହୋଇଉଠିଛି। ଗତ ସଂକ୍ରାନ୍ତରେ ମା'ଙ୍କ ପୀଠରେ ପାରମ୍ପରିକ ପୂଜାର୍ଚ୍ଚନା ସହ ନିଆଁପାଟୁଆ ପର୍ବ ଆୟୋଜିତ ହୋଇଥିଲା। ପାଟୁଆମାନେ ନିଆଁ ଉପରେ ଖାଲି ପାଦରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଚାଲିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ଦର୍ଶକଙ୍କର ମା'ଙ୍କ ପୀଠରେ ଭିଡ଼ ଜମିବା ସହ ଅସ୍ଥାୟୀ ଦୋକାନ ବଜାର ଖୋଲିଥିଲା। ଏବେ ପ୍ରତିଦିନ ଦେବୀ ପୀଠରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ଚାଲିଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଓ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ଗ୍ରାମ କମିଟି ତରଫରୁ ସୂଚନା ଦିଆଯାଇଛି। ଆସନ୍ତା ୨୧ତାରିଖରେ ଉଡ଼ାପର୍ବ ମହାସମାରୋହରେ ଅନୁଷ୍ଠିତ



ନରମା ଗ୍ରାମଦେବୀ ପୀଠରେ ପୂଜାର୍ଚ୍ଚନା।

ହେବ ବୋଲି ଗ୍ରାମ କମିଟି ତରଫରୁ ହରିହର କର, ୱାର୍ଡସଭ୍ୟ ବିଷ୍ଣୁମୋହନ ଦଳେଇ, ସଭ୍ୟ ଭାଗବତ ସେଠୀ, ପୂଜକ ପୂର୍ଣ୍ଣଚନ୍ଦ୍ର ଦଳେଇ ପ୍ରମୁଖ ପ୍ରକାଶ କରିଛନ୍ତି। ଉଡ଼ାପର୍ବକୁ ସବୁ ଦୃଷ୍ଟିରୁ ସରସ ସୁନ୍ଦର କରିବାକୁ କମିଟି ସଭ୍ୟ ବନମାଳୀ ସେଠୀ, ଲୋଚନ ବାରିକ, ରମେଶ ଧାଉଁଡ଼ିଆ, ଗଜେନ୍ଦ୍ର ଗିରି, ଗୟାଧର ସେଠୀ, ଭଗବାନ କର, ଈଶ୍ୱର ଚନ୍ଦ୍ର ଦଳେଇ, ଗୟାଧର ସିଅଳ ଓ ୱାର୍ଡସଭ୍ୟ ବିଷ୍ଣୁମୋହନ ଦଳେଇ ପ୍ରକାଶ କରିଛନ୍ତି। ମା'ଙ୍କ ମନ୍ଦିର ଓ ମନ୍ଦିର ବେଢ଼ା ଆଖପାଖ ଅଞ୍ଚଳ ରାସ୍ତା ଉଭୟ ପାର୍ଶ୍ୱରେ ବିଦ୍ୟୁତ୍ ଆଲୋକ ସଜ୍ଜା ତୋରଣମାନ ଶୋଭା ପାଉଛି।

## ମାଛ ଧରିବାକୁ ଯାଇ ଜୀବନ ଗଲା

**ଔପଦା,୧୬।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକର ଗଡ଼ସାହି ପଞ୍ଚାୟତ ଅନ୍ତର୍ଗତ ବଡ଼ପଣ୍ଡୁଆ ଗ୍ରାମର ମହେନ୍ଦ୍ର ବିଶ୍ୱାଳ (୫୦) ମଙ୍ଗଳବାର ମଧ୍ୟାହ୍ନ ସମୟରେ ଜାଲ ନେଇ ମାଛ ଧରିବାକୁ ପୋଖରୀକୁ ଯାଇ ପ୍ରାଣ ହରାଇଛନ୍ତି। ମହେନ୍ଦ୍ର ପୋଖରୀରେ ଜାଲ ପକାଉଥିବା ବେଳେ ଅସାବଧାନତାବଶତଃ ତାଙ୍କ ଗୋଡ ଖସିଯାଇଥିଲା। ସେ ପୋଖରୀ ମଝିକୁ ଚାଲିଯିବାରୁ ଅନେକ ସମୟ ପର୍ଯ୍ୟନ୍ତ ଉପରକୁ ଉଠିପାରି ନ ଥିଲେ। ସ୍ଥାନୀୟ ପଡ଼ୋଶୀ ପୋଖରୀ ମଧ୍ୟରେ ପଶି ଖୋଜାଖୋଜି କରି ବହୁ ସମୟ ପରେ ଜାଲ ସହ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସେ ପୁରା ପାଣି ପିଇ ଯାଇଥିବା ବେଳେ ତାଙ୍କ ଶ୍ୱାସକ୍ରିୟା ବନ୍ଦ ହୋଇଯାଇଥିଲା। ସେ ରେଳବିଭାଗରେ ପଶ୍ଚିମବଙ୍ଗ ସିଆଲଦା ଡିଭିଜନ୍‌ରେ ଚାକିରି କରୁଥିଲେ। ତାଙ୍କର ଏକମାତ୍ର କନ୍ୟା ଓ ସ୍ତ୍ରୀ ଅଛନ୍ତି। ଏ ଘଟଣା ଔପଦା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ବିଜେଡିରେ ମିଶିଲେ ମାଖନପୁର ନାଏବ ସରପଞ୍ଚ

ଖଇରା, ୧୬।୪(ଡି.ଏନ୍.ଏ.)

ଖଇରା ବ୍ଲକ ମାଖନପୁର ପଞ୍ଚାୟତର ନାଏବ ସରପଞ୍ଚ ରଙ୍ଗଲତା ଶିଅଳ ଓ ତାଙ୍କର ସମର୍ଥକ ପ୍ରାଣବନ୍ଧୁ ଶିଅଳଙ୍କ ସମେତ ବିଭିନ୍ନ ଦଳରୁ ଶତାଧିକ କର୍ମୀ ସୋମବାର ସନ୍ଧ୍ୟାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଛନ୍ତି। ନବୀନବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ମିଶିଥିବା କହିଛନ୍ତି। ବିଧାୟକ ପାଣିଗ୍ରାହୀଙ୍କ ବ୍ୟତୀତ ବିଜେଡି ନେତା ଅନାଦି ଚରଣ ଦାସ ଓ ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା ବିଭିନ୍ନ ଦଳର କର୍ମୀ।

## 'ମଦମୁକ୍ତ ଅଞ୍ଚଳ ପାଇଁ ପ୍ରତିଶ୍ରୁତି ଦିଅ'

### 'ମୋନା'ର ଆହ୍ୱାନ

ବାଲେଶ୍ୱର ଅଫିସ, ୧୬।୪

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ବାଲେଶ୍ୱର ଜିଲା କମିଟିର ବୈଠକ ନିଳିଆବାଗସ୍ଥିତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଦମୁକ୍ତ ଓଡ଼ିଶା ପାଇଁ ପ୍ରତିଶ୍ରୁତି ଯେଉଁ ଦଳ ଦେବ ଭୋଟ ତାଙ୍କୁ ହିଁ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଯେଉଁ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ଓଡ଼ିଶାକୁ ମଦମୁକ୍ତ କରିବାପାଇଁ ସେମାନଙ୍କ ଇସ୍ତାହାରରେ ଉଲ୍ଲେଖ କରିଛନ୍ତି ସେମାନଙ୍କୁ ଭୋଟଦେବାକୁ




ବୈଠକରେ 'ମୋନା'ର କର୍ମକର୍ତ୍ତା।

ବୈଠକରେ ଆହ୍ୱାନ ଦିଆଯାଇଛି। ଯେଉଁ ରାଜନୈତିକ ଦଳ ରାଜ୍ୟର ବିକାଶ ଆଳରେ ମଦ ବ୍ୟବସାୟକୁ ପ୍ରୋତ୍ସାହନ ଦେଉଛନ୍ତି ସେମାନଙ୍କ ବିରୋଧରେ ମିଳିତ ଆନ୍ଦୋଳନକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା କମିଟିର ବାର୍ଷିକ ଅଧିବେଶନ ଆସନ୍ତା ମେ' ୯ତାରିଖରେ ବାଲେଶ୍ୱର ସହରରେ ଅନୁଷ୍ଠିତ ହେବ। ସଭା ପ୍ରାରମ୍ଭରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ, ସୁଲେଖକ, ସାମାଜିକ କର୍ମୀ ଓ 'ମୋନା'ର ଆଜୀବନ ସଦସ୍ୟ ପଦ୍ମଚରଣ ଦାଶଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇଥିଲା। ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଆଲୋଚନାର ବିବରଣୀ ଆଗତ କରିଥିଲେ। ଉପଦେଷ୍ଟା ସୁବ୍ରତ କର, ସୀତାନାଥ ଦାସ, ମହମ୍ମଦ ଇସ୍‌ଲାମ୍, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ପ୍ରତାପ ଚନ୍ଦ୍ର ମହାନ୍ତି, ଡ. କ୍ଷିତୀଶ୍ୱର ଦାଶ, ଡ. କେଶବ ଚରଣ ପଣ୍ଡା, କୁମୁଦ ରଞ୍ଜନ ଗିରି, ଗୀତାଞ୍ଜଳି ସିଂହ, ସ୍ୱର୍ଣ୍ଣଲତା ସ୍ୱାଇଁ, ରାଜେନ୍ଦ୍ର ରାଉତ, ସନାତନ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ପଣ୍ଡା, ପୀତାମ୍ବର ଭୂୟାଁ, ଅବନ୍ତୀ ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ସତୀନ୍ଦ୍ର ଦାଶ ଓ ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବିଜେଡିର ବାଇକ୍ ରାଲି

**ବାସୁଦେବପୁର, ୧୬।୪(ଡି.ଏନ୍.ଏ.):** ବାସୁଦେବପୁର ଗୁଆଗଡିଆ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ବାଇକରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଛି । ୫ ଶହରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥକ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କୁ ଏକ ବାଇକ ଶୋଭାଯାତ୍ରାରେ କମାରଗାଁ ଛକରୁ ନେଇ ଗୁଆଗଡିଆ ଗାଁ ପରିକ୍ରମା କରିବା ପରେ ଏକ ନିର୍ବାଚନ ସଭାକୁ ବିଷ୍ଣୁବ୍ରତ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ନାୟକ ଏହି ସଭାରେ ସଂଯୋଜନା କରିଥିଲେ। ପୂର୍ବତନ ସରପଞ୍ଚ ପରମେଶ୍ୱର ନାୟକଙ୍କ ସମେତ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସେହିପରି ପୂର୍ବାହ୍ନରେ ମା ଆଙ୍ଗୁଡେଶ୍ୱରୀ ପଡିଆରେ ଏକ ନିର୍ବାଚନ ସଭାରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଉଦ୍‌ବୋଧନ ଦେଇ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ବିଜୟ କୁମାର ପଣ୍ଡା, ଯୁବ ବିଜେଡି ସଭାପତି ଅସିତ ଦାଶ, ବିନାୟକପୁର ସରପଞ୍ଚ ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଅନ୍ୟ ଦଳରୁ ଆସିଥିବା ୨୫ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ସ୍ୱାଗତ କରାଯାଇଥିଲା।

### ନୂତନ ବିଗ୍ରହ ସ୍ଥାପନ



**ବାସୁଦେବପୁର, ୧୬।୪(ଡି.ଏନ୍.ଏ.):** ବାସୁଦେବପୁରର ହନୁମାନ ବାଟିକା ପରିସରରେ ନବନିର୍ମିତ ରାମମନ୍ଦିରରେ ରବିବାର ଭଗବାନ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀସୀତାଙ୍କର ଆକର୍ଷଣୀୟ ମୂର୍ତ୍ତି ମନ୍ଦିର ମଧ୍ୟରେ ସ୍ଥାପନା କରାଯାଇଛଇ। ଏଥିନିମନ୍ତେ ଶ୍ରୀରାମ ମନ୍ଦିର ପରିସର ୨ ଦିନ ବ୍ୟାପୀ ଉତ୍ସବମୁଖର ହୋଇପଡିଛି। ଯାଜ୍ଞିକ ପଣ୍ଡିତ ବ୍ରାହ୍ମଣ ମାନେ ଯଥାବିଧି ପୂଜାର୍ଚ୍ଚନା କରି ଶ୍ରୀରାମଙ୍କ ମନ୍ଦିରରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କର ପଥର ପ୍ରତିମୂର୍ତ୍ତି ସ୍ଥାପନା କରିଥିଲେ। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ମାନେ ଉପସ୍ଥିତ ଥିଲେ। ହନୁମାନ ଜୟନ୍ତୀ ଅବସରରେ ଚାଲିଥିବା ଯଜ୍ଞର ପୂର୍ଣ୍ଣାହୁତି ରବିବାର ସନ୍ଧ୍ୟାରେ ହୋଇଥିଲା। ଏଥିରେ ବହୁସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ।

### ଓଡିଆ ନବବର୍ଷ ପାଳିତ

**ଭଦ୍ରକ ଅଫିସ, ୧୬।୪:** ଭଦ୍ରକ ବଙ୍କସାହି ସ୍ଥିତ ବୃନ୍ଦାବନ କଳାକେନ୍ଦ୍ର ସଭାଗୃହରେ ପ୍ରାଧାପକ ଡ. ଅଜୟ କୁମାର ପାଢୀଙ୍କ ପୌରୋହିତ୍ୟରେ ଓଡିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ମୋଗଲ ତାମସାର ସ୍ରଷ୍ଟା ବଂଶୀବଲ୍ଲଭଙ୍କ ପଟ୍ଟଚିତ୍ର ଉନ୍ମୋଚନ କରାଯାଇଥିଲା। ଉକ୍ତ ଉତ୍ସବରେ ମୋଗଲ ତାମସା କଳାକାର ବିଜୟ କୁମାର ବହଳି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅଜୟ କୁମାର ପାଢୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କେନ୍ଦ୍ରର ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। କଳାକେନ୍ଦ୍ରର ନିର୍ଦ୍ଦେଶକ ପୂର୍ବତନ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ମନମୋହନ ସଙ୍ଗୀତ ପରିଷଦ ଅଧକ୍ଷ ଡ. କେଶବ ଚନ୍ଦ୍ର ରାଉତ, ପ୍ରାଧାପକ ଅକ୍ଷୟ ମହାନ୍ତି, ପ୍ରାଧାପକ ନାରାୟଣ ପଣ୍ଡା, ଅଧାପକ ନିରାକର ନାୟକ, ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପରିଡା, ଦୀପକ ଦାସ, ସନ୍ତୋଷ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଓଡିଆ ନବବର୍ଷ ଓ ବୃନ୍ଦବାନ କଳା କେନ୍ଦ୍ରର ଭୂମିକା ଉପରେ ଆଲୋଚନା କରିଥିଲେ।

### ସ୍ୱାସ୍ଥ୍ୟସେବା ଶିବିର

**ଚାନ୍ଦବାଲି,୧୬।୪(ଡି.ଏନ୍.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଚମ୍ପାନାୟକାଣୀ ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସରସ୍ୱତୀ ପୂଜା କମିଟି 'ଭଉଁରୀ' ପକ୍ଷରୁ ସୋମବାର ବଚ୍ଛାନାୟକାଣୀ ପୀଠରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମଧୁମେହ, ରକ୍ତଚାପ ଭଳି ବିଭିନ୍ନ ରୋଗର ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ଅଞ୍ଚଳର ୩ଶହରୁ ଅଧିକ ରୋଗୀ ଶିବିରକୁ ଆସି ଚିକିତ୍ସିତ ହୋଇଥିଲେ। ବିଭିନ୍ନ ବିଭାଗର ଡାକ୍ତରଙ୍କ ସମେତ ଅବସରପ୍ରାପ୍ତ ଚିକିତ୍ସକମାନେ ରୋଗୀଙ୍କୁ ଚିକିତ୍ସା କରିଥିଲେ । ପରିଷଦର କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

# ବିଦ୍ୟୁତ୍ ଷ୍ଟ୍ରକ୍ଟର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ

**ଚାନ୍ଦବାଲି,୧୬।୪(ଡି.ଏନ୍.ଏ.)**



ମତୋଠାରେ ଥିବା ୩୩/୧୧କେଭି ବିଦ୍ୟୁତ୍ ଷ୍ଟ୍ରକ୍ଟର।

■ତାରଟଣାକୁ ଜମି ମାଲିକଙ୍କ ବିରୋଧ
■ଷ୍ଟ୍ରକ୍ଟରରୁ ବର୍ଷାଜଳ ନିଷ୍କାସନ ସମସ୍ୟା

ଭଦ୍ରକ ନେସ୍କୋ ବିଦ୍ୟୁତ୍ ଡିଭିଜନ, ତିହିଡ଼ି ସବ୍‌ଡିଭିଜନ ଓ ଚାନ୍ଦବାଲି ସେକ୍ସନ ଅଧୀନ ମତୋ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକ୍ଟର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବିଜୁଳି ସମସ୍ୟା ଲାଗିରହିଛି। ଖରାଦିନେ କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ଲାଇନରେ ତ୍ରୁଟି ଘଟିଲେ ମରାମତିରେ ଅହେତୁକ ବିଳମ୍ବ ଘଟୁଛି। ସାମାନ୍ୟ ବର୍ଷା ପବନ ହେଲେ ମତୋ ଅଞ୍ଚଳରେ ଦିନେ ଦୁଇଦିନ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଚାନ୍ଦବାଲି(ପାଇକିରାପୁର) ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟକ୍ଷମ ହୋଇଥିଲେ ମଧ ଚାନ୍ଦବାଲି ଅଞ୍ଚଳରେ ବିଜୁଳି ସମସ୍ୟାର ଅନ୍ତ ଘଟୁନାହିଁ।

ଉଲ୍ଲେଖନୀୟ ଯେ, ପ୍ରାୟ ୪ କୋଟି ଟଙ୍କା ବ୍ୟୟବରାଦରେ ଓପିଟିସିଏଲ୍ ପକ୍ଷରୁ ମତୋ ୩୩/୧୧କେଭି ବିଦ୍ୟୁତ୍ ଷ୍ଟ୍ରକ୍ଟର ନିର୍ମାଣ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଥିଲା। ଏକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କମ୍ପାନୀ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ନିର୍ମାଣ କାର୍ଯ୍ୟ ଶେଷ ପରେ ଗତ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ହେଲେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏହି ବିଦ୍ୟୁତ୍ ଷ୍ଟ୍ରକ୍ଟର କାର୍ଯ୍ୟକ୍ଷମ ହେଲେ ମତୋ, ଭାଟପଡ଼ା, ମହୁଲିଆ, ମଉସୁଧା, ଉତୁକୁଡା, ମାଧପୁର ଓ ଭୂଇଁବୃତ୍ତି ପଞ୍ଚାୟତର ଉପଭୋକ୍ତା ଉପକୃତ ହେବେ। ପୂର୍ବେ ଚାନ୍ଦବାଲି(ପାଟୁଳି) ବିଦ୍ୟୁତ୍ ଷ୍ଟ୍ରକ୍ଟରରୁ ଏହି ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେଉଥିଲା। ମାତ୍ର ଏଥିରେ ଲାଗିଥିବା ତାର, ଇନ୍‌ସୁଲେଟର, ଖୁଣ୍ଟଗୁଡ଼ିକ ପୁରୁଣା ହୋଇଥିବାରୁ ବାରମ୍ବାର ବିଜୁଳି ବିଭ୍ରାଟ ହେଉଥିଲା। ମତୋ ଷ୍ଟ୍ରକ୍ଟର କାର୍ଯ୍ୟକ୍ଷମ ହେଲେ ଚାନ୍ଦବାଲି(ପାଇକିରାପୁର) ଗ୍ରୀଡ୍‌ରୁ ଏଠାକୁ ବିଦ୍ୟୁତ୍ ଯୋଗାଣ ହେବ। ଉପଭୋକ୍ତା ବନମାଳୀ ସାହୁ କହନ୍ତି, ବିଭାଗ ପକ୍ଷରୁ ଚାନ୍ଦବାଲି ସହରାଞ୍ଚଳରେ ବିଜୁଳି ମରାମତି ତୁରନ୍ତ ହେଉଥିବା ବେଳେ ଗ୍ରାମାଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ପାଇପ୍ ପାଣି ପାଇଁ ଖରାଦିନେ ଲୋକେ ହଇରାଣ ହେଉଛନ୍ତି। ତୁରନ୍ତ ମତୋ ବିଦ୍ୟୁତ୍ ଷ୍ଟ୍ରକ୍ଟର କାର୍ଯ୍ୟକ୍ଷମ ହେବା ଆବଶ୍ୟକ। ବିଳମ୍ବ ସମ୍ପର୍କରେ ନେସ୍କୋ ଚାନ୍ଦବାଲି ସେକ୍ସନର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପାତ୍ର ୧୧ କେଭି ଫିଡର ଲାଇନ ତାର ଟାଣିବାକୁ ଜମି ମାଲିକ ଅରାଜି ହେବାରୁ ଏହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ଘଟିଛି ବୋଲି କହିଛନ୍ତି। ମତୋ ଷ୍ଟ୍ରକ୍ଟରରୁ ୧୧କେଭି ବିଦ୍ୟୁତ୍ ଯୋଗାଣ ତାର ନେବା ପାଇଁ ଜମି ସମସ୍ୟା ଦେଖାଯାଇଛି। ନିଜର କ୍ଷତି ହେବା ଆଶଙ୍କାରେ ମାଲିକମାନେ ତାଙ୍କ ଜମି ଉପରେ ବିଦ୍ୟୁତ୍ ତାର ଟଣାକୁ ବିରୋଧ କରୁଛନ୍ତି। ନିକଟରେ ବିଭାଗୀୟ କର୍ମଚାରୀ ଓ ଜମି ମାଲିକଙ୍କ ଉପସ୍ଥିତିରେ ଏହାର ଆପୋସ ସମାଧାନ ହେବା ପରେ ଷ୍ଟ୍ରକ୍ଟରରୁ ବର୍ଷାଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହୋଇଛି। ଜଳ ନିଷ୍କାସନ ସକାଶେ କଲଭର୍ଟ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବଡ଼ଓସ୍ତିଆରେ ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟ ଓ କର୍ମୀ ପ୍ରଚାର ଶୋଭାଯାତ୍ରାରେ ଯାଉଛନ୍ତି।

## ନିର୍ବାଚନ ପ୍ରଚାର ସାଙ୍ଗକୁ ରୋଡ୍ ଶୋ

**ଚାନ୍ଦବାଲି,୧୬।୪(ଡି.ଏନ୍.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳର ପ୍ରଚାର ଜୋର ଧରିଛି। ଅଧିକାଂଶ ଦଳର ନେତା ଓ କର୍ମୀ ଏବେ ଗାଁ ମୁହାଁ। ମଙ୍ଗଳବାର ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟ ତାଙ୍କ ସମର୍ଥକଙ୍କ ଗହଣରେ ବଡ଼ଓସ୍ତିଆ ପଞ୍ଚାୟତର ବିଭିନ୍ନ ଗାଁକୁ ନିର୍ବାଚନ ପ୍ରଚାର କରିଥିଲେ। ଏଥିସହ ଏକ ରୋଡ୍ ଶୋ କରାଯାଇଥିଲା। ବହୁ ସଂଖ୍ୟକ ସମର୍ଥକ ଓ ଦଳୀୟ କର୍ମୀ ବାଇକ ଶୋଭାଯାତ୍ରାରେ ଆସି ଲକ୍ଷ୍ମୀନାରାୟଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରେ ରାୟ ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଦଳୀୟ କର୍ମୀଙ୍କ ଶୋଭାଯାତ୍ରା ବଡ଼ଓସ୍ତିଆ, ଶଙ୍ଖାରି, ଗୋପାଳପୁର, ବାମ୍ଫିସାହି, ସାଏନ୍ତା, ନୟାହାଟ, ବେତଦହଣ ଆଦି ଗାଁ ପରିକ୍ରମା କରିଥିଲା। ଏହି ପ୍ରଚାର ଅବସରରେ ବିଭିନ୍ନ ଅଞ୍ଚଳରେ ଦଳୀୟ ସମର୍ଥକ ବିଧାୟକ ପ୍ରାର୍ଥୀ ରାୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭଦ୍ରକ ଜିଲା ପରିଷଦ ଅଧକ୍ଷ ତଥା ବ୍ଲକ ବିଜେଡି ସଭାପତି ଦ୍ୱିଜବର ରାଉତ, ନରେଶ ମାଝି, ଶରତ ସାହୁ, ଜିତେନ୍ଦ୍ର ପାଣି, ନିରଞ୍ଜନ ସାହୁ, ମହେଶ୍ୱର ସାହୁ, ବ୍ରଜକିଶୋର ମହାନ୍ତି, ସଂଗ୍ରାମ ସାହୁ, ଚକ୍ରଧର ତାଡୁ, ହେମନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସରୋଜ ସାହୁ, ନିର୍ମଳ ତାଡୁ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ ।

## ରୋଡ୍ ଶୋ'ରେ ସାମିଲ ଏମ୍‌ପି ପ୍ରାର୍ଥୀ, ପୂର୍ବତନ ବିଧାୟକ

**ବାସୁଦେବପୁର,୧୬।୪(ଡି.ଏନ୍.ଏ.)**



ଭାଜପା ନେତୃମଣ୍ଡଳୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା କ୍ଷେତ୍ରରେ ଭାଜପା ମଙ୍ଗଳବାର ତା'ର ଶକ୍ତି ପ୍ରଦର୍ଶନ କରିଛି। ଭାଜପା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ନିର୍ବାଚନମଣ୍ଡଳୀ ପରିକ୍ରମା କରିଛି। ଏହି ଶୋଭାଯାତ୍ରାରେ ୩ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିବା ବେଳେ ଭାଜପା ପ୍ରଥମଥର ପାଇଁ ନିର୍ବାଚନମଣ୍ଡଳୀରେ ତା'ର ଶକ୍ତି ଦେଖାଇଛି। ଏହି ବାଇକ୍ ଶୋଭାଯାତ୍ରାଟି ବେତଡ଼ାରୁ ବାହାରିଥିଲା। ଭଦ୍ରକ ଲୋକ ସଭା କ୍ଷେତ୍ରରୁ ଏମ୍‌ପି ପ୍ରାର୍ଥୀ ହୋଇଥିବା ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ପ୍ରମୁଖଙ୍କୁ ବେତଡ଼ାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ଅଶୋକ ସାହୁ, କବି ଚନ୍ଦ୍ରଶେଖର ଫକୀର ରଞ୍ଜନ ଦାସ, ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ଧୀରେନ୍ଦ୍ର ପଣ୍ଡୁଆଙ୍କ ସମେତ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାଜପା ପକ୍ଷରୁ ଏହି ରୋଡ୍ ଶୋ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ଓ ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀଙ୍କୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ରୋଡ୍ ଶୋ ପୌରାଞ୍ଚଳ ସମେତ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମାକରି ଭାଜପା ସପକ୍ଷରେ ଜନମତ ସୃଷ୍ଟି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ପଦ୍ମପୁର, ୧୬।୪(ଡି.ଏନ୍.ଏ.)**

ସୋମବାର ବିଳମ୍ବିତ ରାତିରେ ପ୍ରଭାତ କୁମାର ବେହେରା ସାହାଡାରୁ ବାଇକ୍ ଯୋଗେ ତାଙ୍କ ଚିଙ୍ଗୁଡ଼ି ଫାର୍ମକୁ ଯାଉଥିବା ବେଳେ ପଦ୍ମପୁର ବିରସ ରାସ୍ତାର ପାଟଣା ମିଶ୍ରପୁରଠାରେ ବାଇକରୁ ପଡ଼ି ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ମା' ତାରିଣୀଙ୍କ ବାର୍ଷିକ ଉତ୍ସବ

**ପଦ୍ମପୁର,୧୬।୪(ଡି.ଏନ୍.ଏ.)**

ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତର କାଶୀ ଅଭିରାମ, ଫକୀରପୁରଠାରେ ମା' ତାରିଣୀଙ୍କର ୨ୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିଲାଗି ସୋମବାର ଅଙ୍କୁରାରୋପଣ ୧୦୮ କଳସ ଶୋଭାଯାତ୍ରା, ମଙ୍ଗଳବାର ସୂର୍ଯ୍ୟପୂଜା ଓ ଦେବୀଯଜ୍ଞ ସହ ବୁଧବାର ପୂର୍ଣ୍ଣାହୂତି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ରଘୁପୁର, ଅଯୋଧ୍ୟା, ଲକ୍ଷ୍ମୀଦାସପୁର, ମାଟିପକା, ଅପର୍ତ୍ତିପୁର, ଜୀବନପୁର, ଜୟକୃଷ୍ଣପୁର ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଗ୍ରାମର ପୂଜା କମିଟିର ସଭାପତି ଶଶିକାନ୍ତ ବାରିକ, ରାଧାନନ୍ଦ ବାରିକ, ସମ୍ପାଦକ ତପନ କୁମାର ପରିଡ଼ା, ମନ୍ଦିର ପୂଜକ ନାରାୟଣ ବାରିକଙ୍କ ସମେତ ସମସ୍ତ ଗ୍ରାମବାସୀ ପୂଜାକାର୍ଯ୍ୟ ପରିଚାଳନା ସହ ପ୍ରସାଦ ବଣ୍ଟନ କରିଛନ୍ତି।

## ଭିନ୍ନକ୍ଷମଙ୍କ ଲାଗି ସଚେତନତା ରଥ ପରିକ୍ରମା

**ଭଦ୍ରକ ଅଫିସ, ୧୬।୪**

ଭଦ୍ରକ ଜିଲାରେ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଜିଲାର ସମସ୍ତ ଭିନ୍ନକ୍ଷମ ଭୋଟର ଯେଭଳି ମତଦାନ କରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମମାନେ ଯେଭଳି ମତଦାନ କରିବା ପାଇଁ ଭୋଟ ଗ୍ରହଣ କେନ୍ଦ୍ରକୁ ଆସିବେ ସେଥିପାଇଁ ସମଗ୍ର ଜିଲାରେ ଏକ ରଥ ସଚେତନ କରିବ। ଏହି ସଚେତନତା ରଥକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଶୁଭାରମ୍ଭ କରିଥିଲେ। ଜିଲା ପୁନର୍ବାସ ଥଇଥାନ କେନ୍ଦ୍ର (ସିଆର୍‌ଏସ୍‌ଆର୍) ମୁଖ୍ୟ ଭଗବାନ ପରିଡ଼ା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲକ ବେହେରା, ପୂର୍ବତନ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ଓ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାରେ ଚିହ୍ନଟ ହୋଇଥିବା ମୋଟ ୪୩,୭୧୨ ଜଣ ଭିନ୍ନକ୍ଷମଙ୍କୁ ମତଦାନ କେନ୍ଦ୍ରକୁ ଆଣିବା ପାଇଁ ସକ୍ଷମ ରଥ(ଗାଡ଼ି) ବ୍ୟବସ୍ଥା କରାଯାଇଥିବା, ଭୋଟ ଗ୍ରହଣ କେନ୍ଦ୍ରକୁ ଭିନ୍ନକ୍ଷମମାନେ ଯେଭଳି ହୁଇଲ ଚେୟାର ସାହାଯ୍ୟରେ ଯାତାୟାତ କରିପାରିବେ ସେଥିପାଇଁ ର୍ୟାମ୍ପସ୍ ବ୍ୟବସ୍ଥା ଓ ସେମାନଙ୍କୁ ସହାୟତା କରିବା ପାଇଁ ପ୍ରତି ବୁଥ୍‌ରେ ୨ଜଣ ଲେଖାଏ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବା ଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ସୂଚନା ଥାଉକି ଜିଲାରେ ମୋଟ ୪୩,୭୧୨ ଜଣ ଭିନ୍ନକ୍ଷମ ଭୋଟର ଚିହ୍ନଟ ହୋଇଥିବା ଜଣାପଡ଼ିଛି।



ସଚେତନତା ରଥକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଶୁଭାରମ୍ଭ କରୁଛନ୍ତି।

## କୁବେରାରେ ବିଜେଡିର କର୍ମୀ ସମ୍ମିଳନୀ

**ତିହିଡ଼ି, ୧୬।୪(ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୧୩ ପଞ୍ଚାୟତକୁ ନେଇ ମଙ୍ଗଳବାର ପୂର୍ବାହ୍ନରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ତିହିଡ଼ି ବ୍ଲକର କୁବେରା ପଞ୍ଚାୟତସ୍ଥିତ କାଳୀପଡ଼ିଆରେ ଏହା ଅନୁଷ୍ଠିତ ହୋଇଥିଲା। ୧୩ ପଞ୍ଚାୟତର କାର୍ଯ୍ୟକାରୀ ସଭାପତି କମଳାକାନ୍ତ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀକୁ ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ ପରିଚାଳନା କରିଥିଲେ। ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ ଏଥିରେ ଯୋଗଦେଇ ସେ ବିଧାୟକ ଥିବା ସମୟରେ ତିହିଡ଼ିରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ତିହିଡ଼ିବାସୀଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଥିଲେ । ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଜିଲାର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ । ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ବିଜୟ ନାୟକ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ରାଜ୍ୟ ସମ୍ପାଦକ ଅଜୟ ନାୟକ, ପର୍ଯ୍ୟବେକ୍ଷକ ରତିକାନ୍ତ ପରିଜା ଓ ସୁମିତ୍ରା ଜେନା, ଉପାଧକ୍ଷ ମାନସ ପାଠୀ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ ଓ କମଳାକାନ୍ତ ଦାସ, ସରପଞ୍ଚ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରଞ୍ଜିତ ଦାସ, ରଘୁନାଥ ମଳିକ, ବିଜୟ ବାରିକ, ନାରାୟଣ ମଳିକ, ଆନନ୍ଦ ମଳିକ, ନାଥ ମଳିକ, ସୂର୍ଯ୍ୟମଣି ମଳିକ, ମୁରଲୀଧର ମଳିକ, ସୁବାସ ମଳିକ, ସୁକୁମାର ମଳିକ, ଲୋକନାଥ ମଳିକ ପ୍ରମୁଖ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ ।

## ହାସ୍ୟାଭିନେତା ଭିକାରୀ ଦାସଙ୍କ ସ୍ମୃତିଚାରଣ

**ଭଣ୍ଡାରିପୋଖରୀ,୧୬।୪(ଡି.ଏନ୍.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟସ୍ଥ ବରପଦୀ ପାଟଣାଠାରେ ହାସ୍ୟାଭିନେତା ଓ ସାମାଜିକ କର୍ମୀ ଭିକାରୀ ଦାସଙ୍କ ଦ୍ୱାଦଶ ବାର୍ଷିକ ସ୍ମୃତି ସମାରୋହ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ସୁଧାକର ନନ୍ଦଙ୍କ ସଭାପତିତ୍ୱରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ଉଦ୍‌ଘାଟକ ଫକୀର ଚରଣ ବିଶ୍ୱାଳ ମାଲ୍ୟାର୍ପଣକରି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ଗୟାଧର ସାମଲ, ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ମଦନ ମୋହନ ପଣ୍ଡା, ପ୍ରେମାନନ୍ଦ ନାୟକ, ନାଟ୍ୟ ପ୍ରତିଭା ପ୍ରଫୁଲ୍ଲ ପଣ୍ଡା, ଅନନ୍ତ ତ୍ରିପାଠୀ, ସୁବ୍ରତ ଦାସ, ସୁଧାଂଶୁ ନାୟକ, ଗୟାଧର ଜେନା, ଦିବାକର ବେହୁରିଆ, ବିଜୟ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ କଳାଭିନୟ ବେଶ୍ ମାର୍ଜିତ, ଜୀବନ୍ତ ଓ ପ୍ରଭାବଶାଳୀ ଥିଲା। ବଳିଷ୍ଠ ଅଭିନୟ ଓ ପ୍ରତିଭା ଦ୍ୱାରା ସେ ସମାଜରେ ସାମାଜିକ ସଂସ୍କାର ଆଣିପାରିଥିଲେ। ଏହି ଅବସରରେ ବିଶିଷ୍ଟ ମଞ୍ଚ କଳାକାର ନାଟ୍ୟାଚାର୍ଯ୍ୟଙ୍କର ଅନ୍ୟତମ ପଟ୍ଟଶିଷ୍ୟ ନିତ୍ୟାନନ୍ଦ ପାଢ଼ୀଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନକରି ଭିକାରୀ ଦାସ ସ୍ମୃତି ସମ୍ମାନ-୨୦୧୯ ପ୍ରଦାନ କରିଥିଲେ। ଶେଷରେ କରୁଣାକର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ନିତ୍ୟାନନ୍ଦ ପାଢ଼ୀଙ୍କୁ ଓ ମାନପତ୍ର ଉତ୍ତରୀୟ ପ୍ରଦାନ କରାଯାଉଛି।

## 'ପୂଜ୍ୟପୂଜା ପରମ୍ପରା ସଂସ୍କୃତିର ପରିଚାୟକ'

**ଧାମନଗର,୧୬।୪(ଡି.ଏନ୍.ଏ.)**



ବନ୍ଧଟିଆ ପୂଜ୍ୟପୂଜା ସଂସଦ ତରଫରୁ କାହ୍ନୁଚରଣ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ଧାମନଗର ବ୍ଲକ ବନ୍ଧଟିଆ ଆଞ୍ଚଳିକ ପୂଜ୍ୟପୂଜା ସଂସଦର ଦୁଇଦିନିଆ ଅଷ୍ଟମ ବାର୍ଷିକ ସମାରୋହ ଶ୍ରୀଗଣେଶ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ ସନ୍ଧ୍ୟା କାର୍ଯ୍ୟକ୍ରମରେ ସଂସଦ ସଭାପତି ବିଦ୍ୟାଧର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ନାଟ୍ୟସାଥୀ ସାରଥି ପଣ୍ଡା, ସାହିତ୍ୟିକ ସନ୍ନ୍ୟାସୀ ବ୍ରହ୍ମା, ନାରାୟଣ ମାନ୍ଧାତା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସୋମବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ହେମେନ୍ଦ୍ର ନାଥ ମହାନ୍ତି ସଂଯୋଜନା କରିଥିଲେ। ଶିକ୍ଷାବିତ ରାମଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ପୁରାତନ ପିତୃମାତୃ ସେବା ଏବଂ ଆଜି' ଶୀର୍ଷକରେ ପ୍ରତିଯୋଗିତା ହୋଇଥିଲା । ମହିଳାମାନଙ୍କୁ ନେଇ ଆୟୋଜିତ ପ୍ରଶ୍ନ ପେଡ଼ି କାର୍ଯ୍ୟକ୍ରମ ସରିବା ପରେ ପଣ୍ଡିତ ଅର୍ଜୁନ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ. କ୍ଷୀରୋଦ କୁମାର ସାମଲ ଏବଂ ଆମେରିକା ନାସାରେ ଅବସ୍ଥାପିତ ବୈଜ୍ଞାନିକ ତଥା ପ୍ରବାସୀ ଭାରତୀୟ ସଂଗଠନର ସଭାପତି ଇଂ ଶ୍ରୀକାନ୍ତ ନାୟକ, କଳାକାର ଡ. ହୃଦାନନ୍ଦ ପାଣିଗ୍ରାହୀ, କରୁଣାକର ବେହୁରିଆ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପୂଜ୍ୟପୂଜା ପରମ୍ପରା ଭାରତୀୟ ତଥା ଓଡ଼ିଆ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ଏହି ଅବସରରେ ୫ମ ବାର୍ଷିକ ମୁଖପତ୍ର 'ପୂଜ୍ୟପୂଜା'ର ଲୋକାର୍ପଣ କରାଯାଇଥିଲା । ଶିଶୁ ସାହିତ୍ୟିକ କାହ୍ନୁ ଚରଣ ପାଣିଗ୍ରାହୀ ଏବଂ କବି ଦୟାନିଧି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରଦର୍ଶିତ ପ୍ରାଚୀନ ପାରମ୍ପରିକ ଘଣ୍ଟପାଟୁଆ ନାଚ ପ୍ରଦର୍ଶନ ମନ ମୋହିଥିଲା । ସଂସଦ ସମ୍ପାଦକ ଅଜୟ କୁମାର ସାମଲ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ହେମେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ ଏବଂ ଉପସଭାପତି ଦାମୋଦର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟା ମିତା ମଞ୍ଜରୀ ବେହେରା,ସଭ୍ୟ ଧରଣୀଧର ସାହୁ, ବିଦ୍ୟାଧର ରାଉତ, ଭାସ୍କର ସାମଲ, ରମେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ପରାଜୟ ସତ୍ତ୍ୱେ ଲଢ଼ିବାକୁ ଆଗ୍ରହ

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.):** ୩ଥର କେନ୍ଦୁଝର ଲୋକସଭା ଆସନ ପାଇଁ ନିର୍ବାଚନ ଲଢ଼ି ହାର ମାନିନାହାନ୍ତି ଡ. ସୁଦର୍ଶନ ଲୋହାର। ଚଳିତ ନିର୍ବାଚନରେ ରଷ୍ଟ୍ରିୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚା ପକ୍ଷରୁ ଲଢୁଛନ୍ତି। ଚିହ୍ନ ପାଇଛନ୍ତି ହୁଇସିଲ। ହୁଇସିଲ ବଜାଇ ଲୋକଙ୍କ ଧ୍ୟାନ ଆକର୍ଷଣ କରି ଭୋଟ ଭିକ୍ଷା କରୁଛନ୍ତି। ପେଷାରେ ହୋମିଓପାଥିକ ଡାକ୍ତର ଭାବରେ ଜୀବନ ଆରମ୍ଭ କରିଥିବା ସୁଦର୍ଶନ ୨୦୦୪ରେ ପ୍ରଥମେ ଲୋକ ସଭା ନିର୍ବାଚନ ଲଢ଼ିଥିଲେ। ଅର୍ଥାଭାବରୁ ଚାଲିକରି ପ୍ରଚାର କରୁଛନ୍ତି। ନା' ଅଛି ପୋଷ୍ଟର ନା' ଅଛି ଅନ୍ୟମାନଙ୍କ ଭଳି ବ୍ୟାନର, ପ୍ରଚାର ଗାଡି। ୨୦୦୪ରେ ଟାଙ୍ଗିଆ ଚିହ୍ନ, ୨୦୦୯ରେ ହାତୀ ଓ ୨୦୧୪ରେ ହୁଇସିଲ ଚିହ୍ନରେ ଲଢ଼ିଥିଲେ। କେନ୍ଦୁଝରର ବିକାଶ, ଖଣିଜପଥରର ସଦୁପଯୋଗ, ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଆଦି ତାଙ୍କର ଲକ୍ଷ୍ୟ।

### ବସ୍ ଅଟକାଇ ଟଙ୍କା ଲୁଟ୍

**କେନ୍ଦୁଝର, ୧୬।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ଭଣ୍ଡାରୁ ଭୁବନେଶ୍ୱର ଯାଉଥିବା ଏକ ବସ୍‌କୁ ଅଟକାଇ କଣ୍ଡକ୍ଟରଙ୍କୁ ମାଡ଼ମାରି ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଭଣ୍ଡା-ତୁରୁମୁଙ୍ଗା ରାସ୍ତାର ନନ୍ଦପୁରଠାରେ କେତେଜଣ ଦୁର୍ବୃତ୍ତ ବସ୍‌କୁ ଅଟକାଇ କଣ୍ଡକ୍ଟରଙ୍କୁ ମାଡ ମାରି ତାଙ୍କ ପାଖରେ ଥିବା ୧୪ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ବସ୍‌ର କଣ୍ଡକ୍ଟର ଦୀପୁନ ବାରିକ ବାରିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୬/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ନନ୍ଦପୁର ଅଞ୍ଚଳର ଦେବାଶିଷ ପ୍ରଧାନ, ରମଣିରଞ୍ଜନ ପ୍ରଧାନ, ସୁମନ୍ତ ପ୍ରଧାନଙ୍କ ସମେତ ୮ରୁ ୧୦ ଜଣ ଲୋକଙ୍କ ନାମ ଅଭିଯୋଗପତ୍ରରେ ଉଲ୍ଲେଖ ରହିଥିବା ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି କହିଛନ୍ତି।

### ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ଯୋଡ଼ା, ୧୬।୪(ଡି.ଏନ୍.ଏ.):** ଯୋଡ଼ା ଥାନା ଅନ୍ତର୍ଗତ କମାରଯୋଡ଼ାରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତକରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରୁଗୁଡି ଥାନା ଅନ୍ତର୍ଗତ ଚୋରମାଲଦା ଅଞ୍ଚଳର ସୁମିତ ବାହାଦୁର। ଗତ ୯ ତାରିଖ ବିଳମ୍ବିତ ରାତିରେ କମାରଯୋଡା ଅଞ୍ଚଳର ସାୱାଜ୍ ଅହମ୍ମଦଙ୍କ ବାଇକ୍ ନଂ ଓଡି୦୯ ଏ ୪୪୯୫ ଏକ ଦୋକାନ ସମ୍ମୁଖରୁ ଚୋରି ହୋଇଥିଲା। ଏ ନେଇ ବାମେବାରୀ ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କଳାପାହାଡ ଛକଠାରେ ଚୋରି ହୋଇଥିବା ବାଇକ୍‌କୁ ଠାବ କରିଥିଲା। ଏହି ଘଟଣାରେ ସୁମିତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ଗାଡ଼ି ଧକ୍କାରେ ୨ ଆହତ

**ହାଟଡିହୀ, ୧୬।୪(ଡି.ଏନ.ଏ.):** ହାଟଡିହୀ ବ୍ଲକ ଅନ୍ତର୍ଗତ ଆନନ୍ଦପୁର-ଭଦ୍ରକ ରାଜ୍ୟ ରାଜପଥର ବେଡିରାଠାରେ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଆହତ ହୋଇଛନ୍ତି। ଉଭୟଙ୍କୁ ହାଟଡିହୀ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଚେତା ଫେରିଥିଲା। ଦୁଇ ଜଣଙ୍କ ଘର ହାଟଡିହୀ ବ୍ଲକ ଅନ୍ତର୍ଗତ ଡଅଁର ପଞ୍ଚାୟତ ସରଳ ଗ୍ରାମରେ। ସେମାନେ ହେଲେ ସୁନାରାମ ମାଝି (୫୨) ଓ ପେଟୁ ମୁଣ୍ଡା(୪୫)। ଉଭୟ ଉଡ଼ା ପର୍ବ ଦେଖି ଏକ ଲୁନାରେ ଠାକୁର ମୁଣ୍ଡାରୁ ଫେରୁଥିଲେ।

### ଡମ୍ପର ଓଲଟି ଡ୍ରାଇଭର, ହେଲ୍‌ପର ଆହତ

**ଯୋଡ଼ା, ୧୬।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଲାଲଗେଟ ଛକ ନିକଟରେ ଏକ ଡମ୍ପର ଓଲଟି ପଡିବାରୁ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଛନ୍ତି। ଡମ୍ପର ନଂ ଓଆର୍୦୯ଏଲ ୭୩୯୦ ବାଂଶପାଣିରୁ ଜୁରୁଡି ଅଭିମୁଖେ ଯାଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଉକ୍ତ ସ୍ଥାନରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଉକ୍ତ ଡମ୍ପରର ଡ୍ରାଇଭର ରଞ୍ଜିତ ସାହୁ ଓ ହେଲ୍‌ପର ଗୁଡୁ ପାତ୍ର ଆହତ ହୋଇଛନ୍ତି। ଉଭୟଙ୍କୁ ବାମେବାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଖବର ପାଇ ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

# ପାହାଡ଼ ଉପରେ ଜୀବନ

**ଝୁମ୍ପୁରା, ୧୬।୪(ଡି.ଏନ୍.ଏ.)**

■ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ
■ଲାଗି ରହୁଛି ହାତୀ ଭୟ
■ନିର୍ବାଚନରେ ଭୋଟ ଦେବାକୁ ଅନିଚ୍ଛା


ଆଦିବାସୀ ଅଧ୍ୟୁଷିତ ଗାଁ।

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ତଥା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ପାହାଡ଼ ଉପରେ ଥିବା ୩ ଗାଁ କନକନା, ହରିଡ଼ାଯୋଡ଼ି, ଦେଓଝରକୁ ମୌଳିକ ସୁବିଧା ଅପହଞ୍ଚ ହୋଇଛି। ଏ ନେଇ ଲୋକେ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ପାହାଡ଼ ଉପରେ ଅବସ୍ଥିତ ଏହି ୩ ଗ୍ରାମର ଦୂରତା ପରସ୍ପରଠାରୁ ୨ରୁ ୩ କି.ମି. ମଧ୍ୟରେ। ଚାରିଆଡ଼େ ଜଙ୍ଗଲ। ଏକ ପାର୍ଶ୍ୱର ପାହାଡ଼ ତଳେ ପ୍ରବାହିତ ବୈତରଣୀ। ହାତୀ ସହ ଭାଲୁ, ଅନ୍ୟ ବନ୍ୟପ୍ରାଣୀଙ୍କ ଆବାସ ସ୍ଥାନ ଭାବେ କନକନା ଜଙ୍ଗଲ ପରିଚିତ। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ୧ନଂ ବୁଥ ହେଉଛି କନକନା। ପ୍ରାଥମିକ ବିଦ୍ୟାଳୟରେ ରହିଥିବା ଏହି ବୁଥ। ଏଠାରେ ଭୋଟ ଦେଇଥାନ୍ତି କନକନା, ହରିଡାଯୋଡି ଓ ଦେଓଝର ଗ୍ରାମବାସୀ। ୩ ଗ୍ରାମର ଲୋକସଂଖ୍ୟା ୧୨ଶହରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଭୋଟରଙ୍କ ସଂଖ୍ୟା ୮ଶହରୁ ଊର୍ଦ୍ଧ୍ୱ। ସେଠାରେ ରହିଛି ୧୨ରୁ ଊର୍ଦ୍ଧ୍ୱ ବସ୍ତି। ସାଧାରଣତଃ ମୂଳ, ମଜୁରି ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ଏଠାକାର ଲୋକେ ଚଳନ୍ତି। ବର୍ଷସାରା ହାତୀ ଭୟ ଲାଗି ରହିଥିବାରୁ ଚାଷକାର୍ଯ୍ୟ ଠପ୍ ହୋଇଥାଏ।

ଏହି ଗ୍ରାମଗୁଡ଼ିକରେ ରାସ୍ତା, ପାନୀୟ ଜଳ, ଶିକ୍ଷା ଆଦି ସମସ୍ୟା ରହିଛି। ପାନୀୟଜଳ ପାଇଁ ନଳକୂପ ଥିଲେ ହେଁ ନାଳିପାଣି ବାହାରୁଛି। ତାହା ପାନୀୟ ଉପଯୋଗୀ ହୋଇପାରୁନି। ପୁଣି କେତେକାଂଶରେ ନଳକୂପ ଅଚଳ ହୋଇ ଦୀର୍ଘଦିନ ଧରି ପଡ଼ି ରହୁଛି। ରାସ୍ତା ନାହିଁ। ଏଠାକାର ବସିନ୍ଦା ପିଡିଏସ୍ ସାମଗ୍ରୀ (ଚାଉଳ, ଗହମ) ନେବା ପାଇଁ ୭ କି.ମି. ଜଙ୍ଗଲ ରାସ୍ତାରେ ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। କାନ୍ଧରେ ବୋହି ବିପଦସଙ୍କୁଳ ଭାବେ ପିଡିଏସ୍ ସାମଗ୍ରୀ ନେଇଥାନ୍ତି। ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ ହୋଇଛି। ୧୦୮, ୧୦୨ ଆମ୍ବୁଲାନ୍ସ ସେବା କଙ୍କଡ଼ାଯୋଡ଼ି ଘାଟି ରାସ୍ତା ଦେଇ କନକନା ଗ୍ରାମରେ ପହଞ୍ଚି ପାରୁଥିଲେ ହେଁ ଦେଓଝର, ହରିଡ଼ାଯୋଡି ଗ୍ରାମକୁ ପହଞ୍ଚିପାରେ ନାହିଁ। ବିଦ୍ୟୁତ୍ ଆଲୋକ ଗ୍ରାମ ଗୁଡିକ ପାଇଁ ସାତସପନ ହୋଇଛି। ନିର୍ବାଚନ ପାଖେଇ ଆସିଥିଲେ ହେଁ କୌଣସି ପ୍ରାର୍ଥୀଙ୍କ ଏହି ଗାଁକୁ ପାଦ ପଡିନି। ନେତାମାନେ ଆସିଲେ ଖାଲି ପ୍ରତିଶ୍ରୁତି ଦେଇଥାନ୍ତି। କୌଣସି କାମ ହୁଏ ନାହିଁ। ଏଥର ଭୋଟ ଦେବାକୁ ସେମାନେ ମନା କରିଛନ୍ତି।

# ଡମ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ

**ଯୋଡ଼ା, ୧୬।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଲଙ୍ଗାଲଟାଠାରେ ମଙ୍ଗଳବାର ସନ୍ଧ୍ୟା ୫ଟାରେ ଏକ ଡମ୍ପର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କମଲପୁର ଅଞ୍ଚଳର ପ୍ରଫୁଲ ବେହେରା(୬୦)। ବାଇକ୍ ନଂ ଓଆର୦୯ କ୍ୟୁ ୫୭୫୦ରେ ପ୍ରଫୁଲ ଜୁରୁଡି ଅଭିମୁଖେ ଯାଉଥିବା ବେଳେ ଜୁରୁଡି-ଜଜାଙ୍ଗ ରାସ୍ତାର ଲଙ୍ଗାଲଟାଠାରେ ବିପରୀତ ଦିଗରୁ ଆସୁଥିବା ଡମ୍ପର ନଂ ଓଡି୦୯ଡି ୯୯୬୦ ତାଙ୍କୁ ଧକ୍କା ଦେଇଥିଲା। ବାଇକ୍ ଚୁରମାର ହୋଇଥିବା ବେଳେ ଘଟଣାସ୍ଥଳରେ ପ୍ରଫୁଲଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଡମ୍ପର ଫେରାରା ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଧରି ପୋଲିସରେ ଜିମା ଦେଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଏହାକୁ ନିୟନ୍ତ୍ରଣ କରିଥିଲା। ଗାଡିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ କରୁଛି। ପ୍ରଫୁଲ ଜଣେ ମିଷ୍ଟଭାଷୀ, ପରୋପକାରୀ ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ବୃଦ୍ଧି ପାଉଛି ଦିନର ତାପମାତ୍ରା

■ ଅବ୍ୟବସ୍ଥାରେ ଜଳଛତ୍ର

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**


କେନ୍ଦୁଝର ସହରରେ ଥିବା ଜଳଛତ୍ର।

କେନ୍ଦୁଝର ଜିଲାର ତାପମାତ୍ରା ସୋମବାର ୪୦ ଡିଗ୍ରୀ ଟପି ଯାଇଛି। ସର୍ବାଧିକ ତାପାମାତ୍ର ରେକର୍ଡ କରାଯାଇଛି। ଏ ନେଇ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛି। ସହରରେ ଗଛ କଟା ଯାଇଥିଲେ ହେଁ ରୋପଣ କରାଯାଇନି। ଖାଁ ଖାଁ ଲାଗୁଛି। କେନ୍ଦୁଝରକୁ ଯାତାୟାତ କରୁଥିବା ଯାତ୍ରୀ ଅସୁବିଧା ଭୋଗୁଛନ୍ତି। ବିଶ୍ରାମ ପାଇଁ ଛାଇ ଟିକେ ମିଳୁନାହିଁ। ସହରରେ ୪ ବସ୍‌ଷ୍ଟପ ରହିଛି। ସେଠାରେ ନା' ଅଛି ବିଶ୍ରାମ ଘର ନା' ଅଛି ପାଣି ବ୍ୟବସ୍ଥା। ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ତାଗିଦ ହେଉଥିଲେ ହେଁ କେହି ପାଳନ କରୁନାହାନ୍ତି। ପୌରପାଳିକା ପକ୍ଷରୁ ବସା ଯାଇଥିବା ଜଳଛତ୍ରର ଅବସ୍ଥା ଶୋଚନୀୟ ହୋଇଛି। ଅବ୍ୟବସ୍ଥାରେ ଜଳଛତ୍ର ରଖାଯାଇଛି। ଡେଲି ମାର୍କେଟ, ବାଲୁଙ୍କେଶ୍ୱର ଟ୍ରଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ଜଳଛତ୍ରରେ ଘୋଡଣୀ ନାହିଁ କି ଟ୍ୟାପ ନାହିଁ। ପାଣି ବାହରି ନଷ୍ଟ ହୋଇଯାଉଛି।

# ବେଧଡ଼କ ସ୍କ୍ରାପ୍ ଚୋରାଚାଲାଣ

**ଯୋଡ଼ା, ୧୬।୪(ଡି.ଏନ୍.ଏ.)**

**ନୀରବଦ୍ରଷ୍ଟା ପୋଲିସ**

କେନ୍ଦୁଝର ଜିଲା ଯୋଡ଼ା ସହରରେ ବେଧଡ଼କ ଭାବେ ସ୍କ୍ରାପ୍ ଚୋରାଚାଲାଣ ହେଉଛି। ଛୋଟ, ବଡ଼ ଯାନବାହନରେ ପ୍ରତିଦିନ ସ୍କ୍ରାପ୍ ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଭୋର ସମୟରେ ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବା ବେଳେ ପୋଲିସ ପକ୍ଷରୁ ଯାଞ୍ଚ ତଥା ପାଟ୍ରୋଲିଂ କଡାକଡି କରାଯାଉନି। ଏହାର ସୁଯୋଗ ନେଇ ସ୍କ୍ରାପ୍ ବେପାରୀ ଚୋରାଚାଲାଣ କରୁଛନ୍ତି। ଏହି ଚୋରା ସ୍କ୍ରାପ ମୁଖ୍ୟତଃ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଛି।

ଏ ନେଇ ଜଣେ ସୂଚନାଦାତା ନିଜ ନାମକୁ ଗୋପନରେ ରଖି କହିଛନ୍ତି ଯେ, ଯୋଡ଼ା ଥାନାର କେତେଜଣ ଅସାଧୁ ପୋଲିସ କର୍ମଚାରୀଙ୍କ ଇଙ୍ଗିତରେ ଏହି ଚୋରା ସ୍କ୍ରାପ୍ କାରବାର ହେଉଛି। ଯୋଡ଼ା ସହରରେ ବେପାରୀ ସ୍କ୍ରାପ ବୋଝେଇ କରି ବାଂଶପାଣି -ଜୁରୁଡି- ଜଜାଙ୍ଗ ରାସ୍ତା ଦେଇ ଝୁମ୍ପୁରା ଅଭିମୁଖେ ଗାଡିରେ ନେଉଛନ୍ତି। ଝୁମ୍ପୁରା ଅଞ୍ଚଳରେ ଥିବା ସ୍କ୍ରାପ ଡିପୋରେ ଗଚ୍ଛିତ କରାଯାଉଛି। ସେଠାରୁ ଝାଡ଼ଖଣ୍ଡକୁ ଚୋରା ଚାଲାଣ ହେଉଛି। ଯୋଡ଼ା ସହରରେ ଚୋରା ସ୍କ୍ରାପ ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି କାରବାର ହେତୁ ଲୁହା ଓ ଅନ୍ୟ ଧାତୁ ଚୋର ସକ୍ରିୟ ହୋଇଯାଇଛନ୍ତି। ଏପରିକି ଘର ଭିତରେ ପଶି ଚୋରମାନେ ଲୁହା ସାମଗ୍ରୀ ଚୋରିକରି ନେଇ ସ୍କ୍ରାପ୍ ବେପାରୀଙ୍କଠାରେ ବିକି ଦେଉଛନ୍ତି। ବର୍ତ୍ତମାନ ଯୋଡ଼ା ସହରରେ ୨ ରୁ ୩ ଜଣ ସ୍କ୍ରାପ ବିକ୍ରି କରୁଛନ୍ତି। ଏ ନେଇ ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ସହରରେ ଯଦି ସ୍କ୍ରାପ ଚୋରାଚାଲାଣ ହେଉଛି ତା'ହେଲେ ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯିବ ସହ ଚୋରଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

### ଦୁର୍ବ୍ୟବହାର ଅଭିଯୋଗ: ୫ ଗିରଫ

**ଯୋଡ଼ା, ୧୬।୪(ଡି.ଏନ.ଏ.)**

ଯୋଡ଼ା ସହରରେ ବାସନ୍ତୀ ଦୁର୍ଗାପୂଜା ଭସାଣି ସମୟରେ ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ସୋମବାର ରାତିରେ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସଞ୍ଜୀବ ଲାକ୍ରା, ଦୀପକ କୁମାର ମହାକୁଡ, ଶଙ୍କର ପାତ୍ର, ବାଦଲ ରାୟ, ବସନ୍ତ ଯୋଜୋ। ସୋମବାର ରାତିରେ ପ୍ରଶାସନର ବିନା ଅନୁମତିରେ ମା' ବାସନ୍ତୀ ଦୁର୍ଗା ଭସାଣି ଶୋଭାଯାତ୍ରା ହୋଉଥିଲା। ଖବର ପାଇ ପୋଲିସ ପହଞ୍ଚି ପରେ କେତେ ଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୋଲିସ ଗାଡିକୁ ଅଟକାଇ ଦେଇଥିଲେ।

# ମା' ତାରିଣୀଙ୍କ ଚଇତି ପର୍ବ ଉଦ୍‌ଯାପିତ


ପାଲା ଗାୟକ ଓ ପ୍ରବଚକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଘଟଗାଁ, ୧୬।୪(ଡି.ଏନ.ଏ.)**

ଘଟଗାଁ ମା' ତାରିଣୀଙ୍କ ୮୩ତମ ଚଇତି ପର୍ବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ପର୍ବ ଗତ ୯ରୁ ଆରମ୍ଭ ହୋଇଥିଲା। ମା' ତାରିଣୀ ପୀଠରେ ଭୋର୍ ୫ଟା ସମୟରେ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତାପାଠ, ଭାଗବତ ପଠନ, ଚଣ୍ଡୀପାଠ, ହୋମଯଜ୍ଞ ସହ ମା'ଙ୍କ ମାଜଣା, ମଙ୍ଗଳ ଆରତୀ ଓ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ପର୍ବରେ ମା'ଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇଥିଲା। ମା'ଙ୍କ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ପଣାସଂକ୍ରାନ୍ତି ଦିନ ଦୁଇ ଲକ୍ଷ ଭକ୍ତଙ୍କ ପାଇଁ ଶୃଙ୍ଖଳା ଦର୍ଶନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ପରିସରରେ ସତ୍ୟସାଇ ସେବା ସଙ୍ଗଠନ, ଗାୟତ୍ରୀ ପରିବାର, ଆଦିତ୍ୟ ବାହିନୀ ସେବାସଂସ୍ଥା, କଲେଜ ଏନ୍‌ଏସ୍‌ଏସ୍ ଛାତ୍ର, ବିଭିନ୍ନ କ୍ଲବର ସଦସ୍ୟ, ପ୍ରଗତୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ପୋଲିସ ଓ ମନ୍ଦିର କର୍ମଚାରୀ ଉପସ୍ଥିତ ରହି ଭକ୍ତଙ୍କୁ ଶୃଙ୍ଖଳା ଦର୍ଶନ ପାଇଁ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମନ୍ଦିର ପରିଚାଳନାବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ରୁଦ୍ରନାରାୟଣ ମହାନ୍ତ, ଆନନ୍ଦଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ବଳଭଦ୍ର ନନ୍ଦ, ଦୟାନିଧି ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ, ପାଲା ଗାୟକ, ପ୍ରବଚକ ଓ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ, ସଂକୀର୍ତ୍ତନ

**ହାଟଡ଼ିହୀ, ୧୬।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ସଡ଼ା ଗ୍ରାମର ତାରିଣୀ ମଣ୍ଡପଠାରେ ଅଷ୍ଟପ୍ରହର ନାମ ଯଜ୍ଞ ସହ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋଧା ଭାବେ ଗଣେଶ ଚନ୍ଦ୍ର ସାମଲ ଗ୍ରାମର ହରିଭକ୍ତଙ୍କୁ ନେଇ ଆଜକୁ ୧୧୬ ବର୍ଷ ତଳୁ ଏହାକୁ ଆରମ୍ଭ କରିଥିଲେ। ଶ୍ରୀହରିଙ୍କ ନାମ ଯଜ୍ଞ ୩ଦିନ ଧରି ଚାଲିଛି। ପ୍ରଥମ ଦିନ ସନ୍ଧ୍ୟା ବେଳେ ଠାକୁରଙ୍କ କଳସ ଅଣାଯାଇଥିଲା। ଦ୍ୱିତୀୟ ଦିନ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ୪୦ କୀର୍ତ୍ତନ ଦଳଙ୍କୁ ନେଇ ଠାକୁରଙ୍କ ନାମ ସଂକୀର୍ତ୍ତନ ହୋଇଥିଲା। ତୃତୀୟ ଦିନ ସକାଳ ବେଳା ଠାକୁରଙ୍କ ପାଖରେ 'ରସ କୀର୍ତ୍ତନ' ହୋଇଥିଲା। ଅପରାହ୍ନରେ ଠାକୁରଙ୍କୁ ନେଇ ନଗର ପରିକ୍ରମା କରାଯାଇଥିଲା। ପୂଜକ ଭାବେ ରଙ୍ଗାଧର ପଣ୍ଡା, ନରେନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ପ୍ରିୟବ୍ରତ ବେହେରା, ଗଗନ ବିହାରୀ ବେହେରା, ଅବନୀ ରାଉତ, ରତିକାନ୍ତ ସାଇଁ, ଅକ୍ଷୟ ଦାସ, ପ୍ରଦୀପ ସାମଲ, ନରହରି ବଳ, ଉମାକାନ୍ତ ସାଇଁ, ଚିତ୍ତରଞ୍ଜନ ସାଇଁ, ବ୍ରହ୍ମାନନ୍ଦ ଧଳଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସ୍ମୃତି ସମ୍ମାନ ଅର୍ପଣ ଉତ୍ସବ


କଳାକାରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**ଆନନ୍ଦପୁର, ୧୬।୪(ସ୍ୱ.ପ୍ର.)**

ରାଜ୍ୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ପାଲାକାର, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଗାୟକ ମଞ୍ଜୁଳ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଚତୁର୍ଥ ବାର୍ଷିକ ସ୍ମୃତି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଅତିଥିଗଣ ଯୋଗଦେଇ କଳାକାରଙ୍କ କୀର୍ତ୍ତି, ତ୍ୟାଗ ତାଙ୍କୁ ଅମର କରେ, ସେହି ଦୃଷ୍ଟିରୁ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସର୍ବଦା ସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଆନନ୍ଦପୁର ଆନନ୍ଦଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ଅଭିନ୍ନ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନୀ ପ୍ରମୋଦ କୁମାର ରାଜ ପ୍ରମୁଖ ଯୋଗଦେଇ ପୂର୍ଣ୍ଣଚନ୍ଦ୍ରଙ୍କ ମହାନତା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

ଚଳିତ ବର୍ଷ ପାଇଁ ଖ୍ୟାତନାମା ଗାୟକ ଡ. ଧୀରେନ କୁମାର ମହାନ୍ତିଙ୍କୁ ପୂର୍ଣ୍ଣଚନ୍ଦ୍ର ନାୟକ ସ୍ମୃତି ସମ୍ମାନ ପୂର୍ବକ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ, ସୁଦାମ ଚରଣ ସାହୁ, କବି ରାମଚନ୍ଦ୍ର ସୁର, ନରହରି ରାଉତ, ବିଦ୍ୟୁତ୍‌ପ୍ରଭା ଦେଓ, ବଉଳା ସାହିତ୍ୟ ସଂସଦର ସୁରେନ୍ଦ୍ର ପରିଡା, କବି ଗୋକୁଳ ବିହାରୀ ପୃଷ୍ଟି, ହରେକୃଷ୍ଣ ପାତ୍ର, ଗାୟକ କାର୍ତ୍ତିକେଶ୍ୱର ବେହେରା, ଅଧ୍ୟାପକ କୃଷ୍ଣ ଚନ୍ଦ୍ର ମହାନ୍ତ, ପଦ୍ମନାଭ ପାତ୍ର, ଶିବ ପ୍ରସାଦ ମିଶ୍ର, ଉମାକାନ୍ତ ନାୟକ, ରାମଚନ୍ଦ୍ର ଜେନା ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କବି କୀର୍ତ୍ତନ ସାହୁ ଅତିଥି ପରିଚୟ ଦେଇଥିଲେ। ସାବିତ୍ରୀ ଦାସ ମାନପତ୍ର ପାଠ କରିଥିଲେ। ସ୍ମୃତି ସମିତି ସମ୍ପାଦକ ରତ୍ନାକର ଦାସ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକ ରଘୁନାଥ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ହାଟଡିହୀ, ଆନନ୍ଦପୁର ଓ ଘସିପୁରା ବ୍ଲକର ବହୁ କଳାକାର, କବି, ବିଦ୍ୱାନମାନେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ପୁତ୍ର ତଥା ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ତେଲକୋଇରେ ବିଜେଡିର ରୋଡ୍ ଶୋ

**ତେଲକୋଇ, ୧୬।୪(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟରେ ମଙ୍ଗଳବାର ବିଜେଡିର ରୋଡ୍ ଶୋ ଆରମ୍ଭ ହୋଇଛି। ଏହି ରୋଡ୍ ଶୋରେ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ଏବଂ ବିଧାୟକ ପ୍ରାର୍ଥୀ ଇଂ ପ୍ରେମାନନ୍ଦ ନାୟକ, ବ୍ଲକ ଅଧ୍ୟକ୍ଷ ମମତା ଦେହୁରି ସହ ଶତାଧିକ କର୍ମୀ ରୋଡ୍ ଶୋରେ ସାମିଲ ହୋଇଥିଲେ। ଏହି ରୋଡ୍ ଶୋରେ ଖୁଣ୍ଟାପଡ଼ା, ଆକୁଳ, ସିରିଗିଡ଼ା ମୁଖ୍ୟାଳୟରେ ସଭାକରି ଶେଷରେ ନମକାନୀଠାରେ ଶେଷ ହୋଇଥିଲା। ଅନ୍ୟପକ୍ଷରେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତେଲକୋଇ ଚାରିଗଡ ମହାବିଦ୍ୟାଳୟ ଖେଳ ପଡିଆରେ ସାଧାରଣ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିବାରୁ ବିଜେଡି କର୍ମୀ ଉତ୍ସାହିତ ହୋଇଛନ୍ତି।

# ଡିବିରି ନିଆଁରୁ ୪ ବଖରା ପାଉଁଶ

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**

■ଘରର ଆସବାବପତ୍ର ନଷ୍ଟ
■ବର୍ତ୍ତିଲେ ପରିବାର ଲୋକେ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ରାସୋଳ ପଞ୍ଚାୟତ ପଞ୍ଚମ ତିନି ପୋଲିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଡିବିରି ନିଆଁ ଲାଗି ୪ ବଖରା ଘର ପାଉଁଶ ହୋଇଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗ୍ରାମର ଇନ୍ଦ୍ର ହଁସଦାଙ୍କ ଘରେ ନିଆଁ ଲାଗିଥିଲା। ପରିବାର ଲୋକେ ୩ ସନ୍ତାନଙ୍କୁ ଘରେ ଛାଡି କୌଣସି କାମରେ ଝାଡଖଣ୍ଡ ଅଞ୍ଚଳକୁ ଯାଇଥିଲେ। ଘରେ ନିଆଁ ଲାଗିବାର ଦେଖି ଗ୍ରାମର ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଲେ। ୩ ଜଣଙ୍କୁ ଘର ମଧ୍ୟରୁ ଲୋକେ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ ବର୍ଷର ସାନ ପୁଅ ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଲୋକେ ପାଣି ଆଣି ନିଆଁକୁ ଆୟତ୍ତ କଲାବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଘଟଣାସ୍ଥଳରେ ବ୍ରାହ୍ମଣୀପାଳସ୍ଥିତ ଘରୋଇ ପ୍ଲାଣ୍ଟର ଦମକଳ ବାହିନୀ ଓ ଦାନଗଦି ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର ଓ ଏକ ଧାନହଲର, ଗଚ୍ଛିତ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଛି। ଅତି ଦୁଃଖର ବିଷୟ ଏତେ ବଡ଼ ଘଟଣା ଘଟିଥିଲେ ହେଁ ପ୍ରଶାସନ ପକ୍ଷରୁ କେହି ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଅଗ୍ନି ବିପନ୍ନ ପରିବାର ଲୋକେ ଭୋକ ଉପାସରେ ରହିଛନ୍ତି।

# କେନ୍ଦୁପୋଷୀରେ ନୂଆଖାଇ ପର୍ବ

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**


ଗଛମୂଳେ ପୂଜାର୍ଚ୍ଚନା କରାଯାଉଛି।

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଷୀ ଗ୍ରାମରେ ମଙ୍ଗଳବାର ଆମ୍ବ ନୂଆଖାଇ ପର୍ବ ପାଳନ ହୋଇଛି। ଆମ୍ବ ନୂଆଖାଇ ପାଳନ କରିବାର ଉଦ୍ଦେଶ୍ୟ ନୂଆଫଳ ଖାଇବା ପୂର୍ବରୁ ପ୍ରଥମେ ଗ୍ରାମ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ନୂଆଖାଇ ପାଳନ ନିମନ୍ତେ ଗ୍ରାମର ଘର ମୁଖ୍ୟ ସମସ୍ତ ସଦସ୍ୟଙ୍କୁ ଡକାଯାଇ ବୈଠକ କରାଯାଏ। ଲୋକଙ୍କ ସହଭାଗିତାରେ ଏହି ପୂଜା ହୋଇଥାଏ। ପୂଜା ସରଞ୍ଜାମ ସଂଗ୍ରହ କରାଯାଇ ଦେହୁରିଙ୍କ ପରାମର୍ଶ ଅନୁସାରେ ଶୁଭବେଳା ତିଥି ବାର ବାହାର କରାଯାଇ ଦେହୁରିଙ୍କୁ ଖବର ଦିଆଯାଏ। ସେହିଦିନ ଘରର ସମସ୍ତେ ଉପବାସ ରହି ପଣା ଖିରି କାକରାପିଠା କରିଥାନ୍ତି। ଠାକୁରାଣୀଙ୍କୁ ଝିଅବୋହୂ, ମହିଳାପୁରୁଷ କାମକାର୍ଯ୍ୟରେ ସଫଳ ହେବା ପାଇଁ ଆତ୍ମବିଶ୍ୱାସରେ ମାନସିକ କରନ୍ତି। ପୂର୍ବ ବର୍ଷ ମାନସିକ କରିଥିବା ଭକ୍ତ ମନସ୍କାମନା ପୂର୍ଣ୍ଣ ହୋଇଥିଲେ ମା'ଙ୍କୁ ଖୁସିରେ ଛେଳି, କୁକୁଡ଼ା, ନଡିଆ, କଦଳୀ, ଧୂପ, ସିନ୍ଦୂର, ମହୁ, ଶାଢ଼ି ଦକ୍ଷିଣା ଦିଅନ୍ତି। ପୂଜାର୍ଚ୍ଚନା ପରେ ମା'ଙ୍କ ପାଖରେ ବଳିପଡୁଥିବା ବୋଦାକୁ ଭୋଜିକରି ଖାଇଥାନ୍ତି। ଆମ୍ବ ନୂଆଖାଇ ସରିଲା ପରେ ଗଛର ଫଳ ଖାଇ ହୁଏ ବୋଲି ପୂର୍ବ ପୁରୁଷରୁ ବିଧିବିଧାନ ରହିଛି ବୋଲି ଲୋକେ କହିଛନ୍ତି।

ଗ୍ରାମର ଦୁର୍ଯ୍ୟୋଧନ ପାତ୍ର, ଦିବାକର ପାତ୍ର, ସନୁ ପାତ୍ର, ସତ୍ୟଜିତ ପାତ୍ର, ସନାତନ ପାତ୍ର, ଗଣେଶ୍ୱର ପାତ୍ର, ଯଶୋବନ୍ତ ପାତ୍ର, ମନମୋହନ ପାତ୍ର, ଦୁର୍ଲ୍ଲଭ ପାତ୍ର, ଅଭିମନ୍ୟୁ ପାତ୍ର, ପଦ୍ମଲୋଚନ ପାତ୍ର, ଭକ୍ତବନ୍ଧୁ ପାତ୍ର, ହରିହର ପାତ୍ର, ବିଶ୍ୱଜିତ ପାତ୍ର, ପ୍ରଶାନ୍ତ ପାତ୍ର, ଲେମ୍ବୁଧର ପାତ୍ର, ଭୁଲୁ ପାତ୍ର, ମହରଗା ପାତ୍ର, ଅନିରୁଦ୍ଧ ପାତ୍ର, ଚୈତନ୍ୟ ପାତ୍ର, ନିତ୍ୟାନନ୍ଦ ପାତ୍ର, ହରେକୃଷ୍ଣ ପାତ୍ର, ଚନ୍ଦନ ଦାସ, ରବି ପାତ୍ର, ପରମେଶ୍ୱର ପାତ୍ର, ପୁରୁଷୋତ୍ତମ ପାତ୍ର, ଦେବାନନ୍ଦ ପାତ୍ର, ପ୍ରଦୀପ ପାତ୍ର, ଜଗନ୍ନାଥ ପାତ୍ର, ବୁଦ୍ଧଦେବ ପାତ୍ର, ଲକ୍ଷ୍ମଣ ପାତ୍ର, ଭୀମସେନ ପାତ୍ର, ଗୌତମ ପାତ୍ର, ପୀତାମ୍ବର ପାତ୍ରଙ୍କ ସମେତ ଗ୍ରାମର ବହୁ ଲୋକ ନୂଆଖାଇ ପର୍ବରେ ସାମିଲ ହୋଇଥିଲେ।